**ଧରାକୋଟବାସୀଙ୍କୁ ଛତୁଆ ଯୋଗାଉଛି ଭଞ୍ଜନଗର ଏସ୍‌ଏଚ୍‌ଜି**

# ନିର୍ଦ୍ଧାରିତ ସମୟରେ ମିଳୁନି ଛତୁଆ; ବଢୁଛି ଅସନ୍ତୋଷ



**ଧରାକୋଟ,୧୦।୨(ସମିସ):** କୋମଳମତି ଶିଶୁ, କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ସମନ୍ୱିତ ଶିଶୁ ବିଭାଗ ପକ୍ଷରୁ ସେମାନଙ୍କୁ ପ୍ରତି ମାସରେ ୧ ତାରିଖରୁ ଛତୁଆ ସମେତ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ ପାଇଁ ସରକାରୀ ସ୍ତରରେ ସମୟ ନିର୍ଦ୍ଧାରଣ କରାଯାଇଛି। ହେଲେ ଚଳିତ ମାସରେ ଧରାକୋଟ ବ୍ଲକର ୧୯୪ ଗୋଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଧରାକୋଟ ଆଇସିଡିଏସ ଅଧିନରେ ଜଗମୋହନ, ଜାହାଡା, ବରଡାବିଲି, ମାଣିକପୁର, ମୁଣ୍ଡମରାଇ, ମଛାକୋଟ ଓ ଧରାକୋଟ ଭଳି ସାତଟି ସେକ୍ଟରରେ ରହିଛି ୧୯୪ ଅଙ୍ଗନବାଡ଼ି କେନ୍ଦ୍ର। ଏହି ସବୁ କେନ୍ଦ୍ରରେ ୧୩୦୩ ଜଣ ଗର୍ଭବତୀ ଓ ପ୍ରସୂତି, ୩୧୦୭ କିଶୋରୀ ବାଳିକା, ୩୪୦୧ କୋମଳମତି ଶିଶୁଙ୍କୁ ପ୍ରତି ମାସରେ ଛତୁଆ, ହାଲୁଆ, ଖଜରା, ରାଶି ଲଡୁ, ବାଦାମ ଲଡୁ, ଭଜାବୁଟ ଓ ମୁଢ଼ି ବଣ୍ଟନ କରାଯାଇଥାଏ। କିନ୍ତୁ ଚଳିତ ମାସରେ ଏ ପର୍ଯ୍ୟନ୍ତ ଛତୁଆ ବଣ୍ଟନ ହୋଇନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଅନୁସନ୍ଧାନ କରିବା ବେଳେ ଜଣାଯାଇଛି ଧରାକୋଟର ମହାଲିଙ୍ଗେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ୨୦୧୧ ମସିହାରୁ ଛତୁଆ ପ୍ରସ୍ତୁତି କରି ବଣ୍ଟନ କରୁଥିଲା। ଚଳିତ ବର୍ଷ ଜାନୁଆରୀ ମାସରୁ ଏହି ଦାୟିତ୍ୱ ଭଞ୍ଜନଗର ସ୍ଥିତ ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଶାସନ ହସ୍ତାନ୍ତର କରିଛି। ଧରାକୋଟରୁ ଭଞ୍ଜନଗରର ଦୂରତା ୫୦ କିମି। ସରକାରୀ ନିୟମ ଅନୁସାରେ

**ଅଞ୍ଚଳବାସୀଙ୍କ ପ୍ରଶ୍ନ 'କାହା ସ୍ୱାର୍ଥରେ ଏପରି ନିଷ୍ପତ୍ତି'**

ଛତୁଆ ପ୍ରସ୍ତୁତି ବେଳେ ଆଇସିଡିଏସର ଏକ ଟିମ ଉପସ୍ଥିତ ରହିବେ। ଯେହେତୁ ୫୦ କିମି ଦୂରରେ ଏହା ପ୍ରସ୍ତୁତ ହେଉଛି ଏଣୁ ଏହି ଟିମ ସେଠାରେ ପହଞ୍ଚିବା ସମୟ ସାପେକ୍ଷ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଧରାକୋଟରେ ଛତୁଆ ପ୍ରସ୍ତୁତି ପାଇଁ ଉତ୍ତମ ଭିତ୍ତିଭୂମି ରହିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କାହିଁକି ଭଞ୍ଜନଗର ଗ୍ରୁପକୁ ଏହାର ଦାୟିତ୍ୱ ପ୍ରଦାନ କରିଛି ତାହା ବୁଝିହେଉନାହିଁ।

ଏ ସମ୍ପର୍କରେ ମହାଲିଙ୍ଗେଶ୍ୱର୍ ଗ୍ରୁପର ସମ୍ପାଦିକା ରିନା ଗୌଡ଼ଙ୍କ ସହ ଯୋଗାଯୋଗ ବେଳେ କ୍ଷେତ୍ର ପରିଦର୍ଶନ କରି ଆମ ଗ୍ରୁପକୁ ଅନୁମତି ଦେବାପାଇଁ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଅନ୍ୟ ପକ୍ଷରେ ସ୍ଥାନୀୟ ସିଡିପିଓଙ୍କ ସହ ଯୋଗାଯୋଗ ବେଳେ ପ୍ରଶାସନ ତରଫରୁ ଯାହା ନିଷ୍ପତ୍ତି ନିଆଯାଇଛି ସେହି ଅନୁଯାୟୀ ଆମେ ସୁଚାରୁ ଭାବରେ କାମ କରୁଛୁ। ଖୁବ୍‌ଶୀଘ୍ର ଛତୁଆ ବଣ୍ଟନ ହେବ ବୋଲି ପ୍ରକାଶ କରିଛନ୍ତି। ଧରାକୋଟ ବ୍ଲକର ୮ଟି ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ। ଏହି ପଞ୍ଚାୟତ ଅଧିନସ୍ଥ କେନ୍ଦ୍ର ଗୁଡିକରେ ଅନଗ୍ରସର ବର୍ଗଙ୍କ ସଂଖ୍ୟା ଅଧିକ। ଏଣୁ ସେହି କେନ୍ଦ୍ର ଗୁଡ଼ିକର ହିତାଧିକାରୀ ମାନେ କିପରି ଛତୁଆ ପାଇବେ ସେହି ଆଶଙ୍କାରେ ରହିଛନ୍ତି।

## ବିଶ୍ୱ ଆର୍ଦ୍ରଭୂମି ଦିବସରେ ସ୍ୱତନ୍ତ୍ର ସଂପାନ

**ଛତ୍ରପୁର,୧୦।୨(ସମିସ):** ବିଶ୍ୱ ଆର୍ଦ୍ରଭୂମି ଦିବସ ବା 'ଵେଟଲାଣ୍ଡ ଡେ' ଉପଲକ୍ଷେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଆନ୍ତରୀଣ ଗୁଣବତ୍ତା ନିର୍ଣ୍ଣାୟକ ବିଭାଗ ଓ ବିଜ୍ଞାନ ପରିଷଦର ମିଳିତ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ସଂପାନ ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ନୂଆଦିଲ୍ଲୀ ସ୍ଥିତ ପରିବେଶ ବିଜ୍ଞାନ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର ବିନୋଦ ଚନ୍ଦ୍ର ସାବତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଶ୍ୱ ଆର୍ଦ୍ରଭୂମିର ସଂରକ୍ଷଣ ବିଷୟରେ ଆଲୋଚନା କରିବା ସହିତ ଛତ୍ରପୁର ନିକଟସ୍ଥ ତାମ୍ପରା ହ୍ରଦର ସଂରକ୍ଷଣ ତଥା ଉପଯୁକ୍ତ ରକ୍ଷଣା ବେକ୍ଷଣ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ବି. ଅଞ୍ଜନ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ବିଭିନ୍ନ ଅଞ୍ଚଳରେ ଥିବା ଆର୍ଦ୍ରଭୂମି ସଂପର୍କରେ ଆଲୋଚନା କରିଥିଲେ। ଏତଦ୍ ବ୍ୟତୀତ ଏହି ସଂପାନରେ ପରିବେଶବିତ ବୈଜ୍ଞାନିକ ଡ. ଦେବୀ ପ୍ରିୟଦର୍ଶିନୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ. ବିଜୟ କୁମାର ମହାନ୍ତି, ସରସ୍ୱତୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ 'ଵେଟଲାଣ୍ଡ ଡେ' ସଂପର୍କରେ ବିଶେଷ ଆଲୋଚନା କରିଥିଲେ। ସଂପାନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ ଜଳବାୟୁ ପରିବର୍ତ୍ତନ ତଥା ପରିବେଶ ସୁରକ୍ଷା ଉପରେ ଆର୍ଦ୍ରଭୂମିର ପ୍ରଭାବ ସଂପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁଚିନ୍ମିତା ସରଦାର୍ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ଡ. ଡାଏନା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ସଭା ଅଧ୍ୟାପିକା ଡ. ଶୁଚିସ୍ମିତା ବେହେରା ଏବଂ ଅଧ୍ୟାପିକା ଡ. ମିଲିମିତା ପାଢୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବିଧାନସଭା କ୍ଷେତ୍ରସ୍ତରୀୟ ଉନ୍ନୟନ କମିଟି ବୈଠକ



**ପୋଲସରା, ୧୦।୨(ସମିସ):** ପୋଲସରା ବ୍ଲକ ସମିତି ବୈଠକ ଗୃହ ପରିସରରେ ମଙ୍ଗଳବାର ବିଧାନସଭା କ୍ଷେତ୍ରସ୍ତରୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅଧକ୍ଷତା କରି ପୋଲସରା ଓ ବୁଗୁଡ଼ା ପ୍ରମୁଖ ଦୁଇ ବ୍ଲକର ଉନ୍ନୟନ କାର୍ଯ୍ୟକୁ ନେଇ ଆଲୋଚନା କରିବା ସହ ଆଗାମୀ ୩ବର୍ଷ ମଧ୍ୟରେ ଯେଉଁ ଯେଉଁ କାର୍ଯ୍ୟ କରାଯିବ ତାହାର ଡିପିଆର ପ୍ରସ୍ତୁତ କରି କାର୍ଯ୍ୟକ୍ରମ ହାତକୁ ନିଆଯିବ। ୭ ଦିନ ଭିତରେ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲାକୁ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏବଂ ସମସ୍ତ ଯୋଜନା ଜିଲ୍ଲା ସ୍ତରରେ ଯାଞ୍ଚ କରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ମନ୍ତ୍ରୀ ମଲ୍ଲିକ ସୂଚନା ଦେଇଥିଲେ। ଏହି ବୈଠକରେ ପୂର୍ତ୍ତ ବିଭାଗ, ଆରଡ଼ି, ଶିକ୍ଷା, ସ୍ୱାସ୍ଥ୍ୟ, ଏହି ଭଳି ପ୍ରାୟ ୨୭ଗୋଟି ବିଭାଗ ର ଜିଲ୍ଲା ଅଧିକାରୀମାନେ ଯୋଗଦେଇଥିଲେ। ବିଶେଷ କରି ଟୁରିଜମ କରିଡର କରି ନୁଆଁ ଡାଙ୍ଗାରେ ଉନ୍ନତି କରାଯିବ, ବିଦ୍ୟାଳୟ ମାନଙ୍କ ରେ ନୂତନ ଶିକ୍ଷକ ଡାଞ୍ଚା, କୃଷି, ଉଦ୍ୟାନ, ମୃତିକା ସଂରକ୍ଷଣ ସମେତ ପୋଲସରାରେ ଖଜୁରୀବନ୍ଧ ଓ ଓଇରାଣୀ ପୋଖରୀରେ ଉନ୍ନତିକରଣ ଭଳି ବିଭିନ୍ନ ନିଷ୍ପତ୍ତି ହୋଇଛି। ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଉପଜିଲ୍ଲାପାଳ ଶିବାଶିଷ ବରାଳ, ଜିଲ୍ଲା ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ପୋଲସରା ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ, ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଯୋଗଦେଇଥିଲେ।

## ଆସୁଛି ଜାଗର; ସଜେଇ ହେଉଛି ଶୈବପୀଠ



**ବୁଗୁଡ଼ା,୧୦।୨(ସମିସ):** ମହାଶିବରାତ୍ରୀ ପାଇଁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ସଜେଇ ହେଉଛି। ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ମନ୍ଦିର ପରିଚାଳନା କମିଟି ଗୁଡିକ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ସହ କାର୍ଯ୍ୟସୂଚୀମାନ ମଧ୍ୟ ପ୍ରକାଶ ପାଇଛି। ଫଳରେ କେତେକ ଶୈବ ପୀଠରେ ନାମଯଜ୍ଞ ଓ ଅନ୍ନଯଜ୍ଞ ହେବାର ଜଣାଯାଇଛି। ଶୈବପୀଠ ଗୁଡିକରେ ପ୍ରବଳ ଭିଡ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଏବଂ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍ ସମୟରେ ଯେପରି ମହାଦୀପ ଉଠିବ ସେନେଇ ଯୋଜନା ପ୍ରସ୍ତୁତ ହୋଇଛି। ଏଥିସହ ମନ୍ଦିର ଗୁଡିକର ସୌନ୍ଦର୍ଯ୍ୟକରଣ ପାଇଁ ରଙ୍ଗମରା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଶ୍ରଦ୍ଧାଳୁମାନେ ଜାଗର ପର୍ବ ପାଳନ ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଜଣାଯାଇଛି।

## ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ



**ବୁଗୁଡା,୧୦।୨(ସମିସ):** ସ୍ଥାନୀୟ ପିପୁଲ୍ସ କଲେଜ ଏବଂ ତେନ୍ତୁଲିଆ ଦେବସ୍ଥାନ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଭାବେ ଅବସରଗ୍ରହଣ କରିଥିବା ପ୍ରଫେସର ନିତ୍ୟାନନ୍ଦ ମହାନ୍ତି(୭୮)ଙ୍କ ଦେହାନ୍ତରେ ଶୋକର ଛାୟା ଖେଳି ଯାଇଛି। ସେ କିଛି ଦିନ ହେଲା ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଗତ ସୋମବାର ସନ୍ଧ୍ୟାରେ ବୁଗୁଡା ଶକ୍ତିନଗରସ୍ଥିତ ସ୍ୱବାସଭବନରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଓ ପୁଅଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହିଥିଲେ। ବୁଗୁଡା ବଡଶଙ୍ଖସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କେବୁଲ ତାର ନଷ୍ଟ କରିଦେଲେ ଦୁର୍ବୃତ୍ତ



**ଛତ୍ରପୁର,୧୦।୨(ସମିସ):** ଛତ୍ରପୁର ବ୍ଲକର ବିପୁଳିଙ୍ଗି ପଞ୍ଚାୟତର କତୁରୁ ଗ୍ରାମରୁ ୭ କିମି ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ସିଟି କେବୁଲକୁ ଦୁର୍ବୃତ୍ତମାନେ କାଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତ୍ରରେ କିଛି ଦୁର୍ବୃତ୍ତ କତୁରୁ ଗ୍ରାମରୁ ଯାଇଥିବା ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସିଟି କେବୁଲ ତାର କାଟି ନଷ୍ଟ କରିଦେଇଛନ୍ତି। ଫଳରେ ବିପୁଳିଙ୍ଗି, ମାଧପୁର, ପୋଟଲାମପୁର, ବଉଳଗାଁ ଓ ମହାନାଦପୁର ପଞ୍ଚାୟତର ପ୍ରାୟ ୮ /୧୦ଟି ଗ୍ରାମର ୫ ହଜାର ସିଟି କେବୁଲ ଗ୍ରାହକ ଟେଲିଭିଜନ ସେବାରୁ ବଞ୍ଚିତ ହୋଇଛନ୍ତି ବୋଲି ସିଟି କେବୁଲ ଅପରେଟର ଅଭିଯୋଗ କରିଛନ୍ତି। ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପ୍ରରୋଚନାରେ ଦୁର୍ବୃତ୍ତ ମାନେ ଏପରି କରିଥିବା ଅପରେଟରମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଣୁ ଦୋଷୀଙ୍କୁ ଗିରଫ କରି ଉପଯୁକ୍ତ ଦଣ୍ଡବିଧାନ ପାଇଁ ସେମାନେ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇର ବିକ୍ଷୋଭ



**ଦିଗପହଣ୍ଡି,୧୦।୨(ସମିସ):** ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ପୂର୍ବରୁ ବହୁ ସଂଖ୍ୟକ ଦଳୀୟ କର୍ମୀ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଆୟୋଜିତ ପ୍ରତିବାଦ ସଭାରେ ସିପିଆଇ ଗଞ୍ଜାମ ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠୀ, କୃଷକ ସଙ୍ଗଠକ ବୃନ୍ଦାବନ ପଣ୍ଡା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମଗ୍ରିକ ବିଫଳତା, ଚାଷୀ ମାରଣ ନୀତି, କଳା ଶ୍ରମ କୋଡ଼ ବାତିଲ କରାଯିବା ସହ ଦରଦାମ ବୃଦ୍ଧି ବିରୋଧରେ ଉଦବୋଧନ ଦେଇଥିଲେ। ସିପିଆଇ ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ର, ଭଗବାନ ପଟ୍ଟନାୟକ, ଆର. ଦୀନବନ୍ଧୁ ଦୈତାରି ରେଡ୍ଡୀ, ପ୍ରକାଶ ସେଠୀ, ଅଶୋକ ସେଠୀ, ମୂଷା ବେହେରା, ଉଗ୍ରସେନ ସେଠୀ, ବୀର ପ୍ରଧାନ, ବିଜୟ ସ୍ୱାଇଁ, ନରସିଂହ ରଣା, ପବିତ୍ର ରଣା, ପ୍ରଦୀପ ପରିଡ଼ା, ପ୍ରଶାନ୍ତ ପ୍ରଧାନ, ପିଣ୍ଟୁ ବେହେରା, ସୁରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଘୋଷିତ ଧାନ କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୮ ଶହ ଟଙ୍କା ଚାଷୀଙ୍କୁ ପ୍ରଦାନ କରିବା, ଧାନ ମଣ୍ଡିରେ କଟନି, ଛଟନି ବନ୍ଦ କରିବା। ସମସ୍ତ କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କରିବା। ପ୍ରଦୂଷଣ ସାର୍ଟିଫିକେଟ ନାଁରେ ଫାଇନ ଆଦାୟ ବନ୍ଦ କରିବା। ଏମଜିଏନଆରଜିଏସ ଯୋଜନାର ନାଁ ବଦଳାଇ ଶ୍ରମିକ ମାନଙ୍କୁ ଠକିବା ପାଇଁ ନୂଆ ଯୋଜନାକୁ ବାତିଲ କରିବା ଭଳି ବିଭିନ୍ନ ଦାବି ନେଇ ପ୍ରତିନିଧି ଦଳ ବିଡ଼ିଓ ଅନାମିକା ପାଣ୍ଡେଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ୧୭ରେ ହାବିଲ୍‌ଦାର୍ ଓ କନେଷ୍ଟବଲ ସଂଘ ନିର୍ବାଚନ

**ଛତ୍ରପୁର,୧୦।୨(ସମିସ):** ଗଞ୍ଜାମ ପୁଲିସ ଜିଲ୍ଲା ହାବିଲଦାର ଓ କନଷ୍ଟେବଲ ସଂଘର କର୍ମକର୍ତ୍ତା ନିର୍ବାଚନ ଫେବୃଆରୀ୧୭ ତାରିଖରେ ଅନୁଷ୍ଠିତ ହେବ। ସଂଘର ବିଭିନ୍ନ ପଦ ପଦବୀ ନିମନ୍ତେ ୩୬ ଜଣ ପ୍ରାର୍ଥୀ ନିଜ ନିଜ ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀଙ୍କ ନିକଟରେ ଦଖଲ କରିଛନ୍ତି। ସଂଘର ସଭାପତି ପଦବୀ ନିମନ୍ତେ ଗୋରାଚାନ୍ଦ ତ୍ରିପାଠୀ, ଅଭିମନ୍ୟୁ ଜାଲି ଓ ବିପଦ ପରିଚ୍ଛା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦବୀ ନିମନ୍ତେ ଜି. ଗଣେଷ ରାଓ ଓ ଡି. ରମେଶ ରେଡ୍ଡୀ, ସମ୍ପାଦକ ପଦବୀ ନିମନ୍ତେ ସୁବାଷ ଚନ୍ଦ୍ର ସେଠି ଓ ଅନ୍ତର୍ଯ୍ୟାମୀ ପାଢ଼ୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କୋଷାଧ୍ୟକ୍ଷ ପଦବୀ ନିମନ୍ତେ ସନ୍ତୋଷ କୁମାର ପାଣିଗ୍ରାହୀ, ସହ ସମ୍ପାଦକ -୧ ପଦବୀ ନିମନ୍ତେ ବି ହେମନ୍ତ କୁମାର ଏବଂ ସମ୍ପାଦକ -୨ ପଦବୀ ନିମନ୍ତେ ସନ୍ତୋଷ କୁମାର ନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହା ସହିତ ୫ଟି କାର୍ଯ୍ୟନିର୍ବାହୀ ସଭ୍ୟ ପଦବୀ ନିମନ୍ତେ ୨୬ ଜଣ ପ୍ରାର୍ଥୀ ନିଜ ନିଜ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏନେଇ ନିର୍ବାଚନ ଅଧିକାରୀ ଅତିରିକ୍ତ ଏସପି ରବିକାନ୍ତ ସୁନା ଏବଂ ଅତିରିକ୍ତ ନିର୍ବାଚନ ଅଧିକାରୀ ଡ଼ିଏସପି ଗିରିଜା ନନ୍ଦନ ପଟ୍ଟନାୟକ ଦାୟିତ୍ୱରେ ରହିଛନ୍ତି। ଫେବୃଆରୀ ୧୧ରେ ପ୍ରାର୍ଥୀ ପତ୍ର ଯାଞ୍ଚ, ଫେବୃଆରୀ ୧୨ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନିମନ୍ତେ ତାରିଖ ଧାର୍ଯ୍ୟ ରହିଛି। ଫେବୃଆରୀ ୧୭ରେ ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ ହେବ। ଦିନ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ ହୋଇଛି। ଏଥି ନିମନ୍ତେ ୨୬ ସ୍ଥାନରେ ଭୋଟ ମତଦାନ କେନ୍ଦ୍ର ରହିବ।

## ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ସଚେତନତା ଶିବିର

**ବ୍ରହ୍ମପୁର,୧୦।୨(ସମିସ):** ବ୍ରହ୍ମପୁର ସ୍ୱତନ୍ତ୍ର କୋଷାଗାର ଆନୁକୂଲ୍ୟରେ ଏମକେସିଜି ମେଡ଼ିକାଲ କଲେଜ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ଏନପିଏସ ସମ୍ପର୍କିତ ସଚେତନତା ଏବଂ ସମସ୍ୟା ସମାଧାନ ଉଦ୍ଦେଶ୍ୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ରାଜ୍ୟ କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟରୁ ହିସାବ ଅଧିକାରୀ ମନୋରଞ୍ଜନ ସାହୁ ଓ ଅରବିନ୍ଦ ସାହୁ ଉପସ୍ଥିତ ରହି ଏନପିଏସ ସମ୍ପର୍କିତ ବିଭିନ୍ନ ପ୍ରାୟୋଗିକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଶିବିରରେ ସ୍ୱତନ୍ତ୍ର କୋଷାଗାର ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନ, ଅତିରିକ୍ତ କୋଷାଗାର ଅଧିକାରୀ ସନ୍ଧ୍ୟାରାଣୀ ପଟ୍ଟନାୟକ, ହିସାବ ରକ୍ଷକ ଅଶାନ୍ତ କୁମାର ସ୍ୱାଇଁ, ବରିଷ୍ଠ ସହାୟକ ଟି. ସୌଜନ୍ୟା ରାଓ, ପ୍ରକାଶ ଚନ୍ଦ୍ର କହଁର, ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଉଠାଣ ଓ ବିତରଣ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀମାନେ ନିଜ-ନିଜ ଏନପିଏସ ସମ୍ବନ୍ଧିତ ସମସ୍ୟା ଉପସ୍ଥାପନ କରିଥିବାବେଳେ ହିସାବ ରକ୍ଷକ ଅଶାନ୍ତ କୁମାର ସ୍ୱାଇଁ ଓ ବରିଷ୍ଠ ସହାୟକ ଟି. ସୌଜନ୍ୟା ରାଓ ତଥା ନିର୍ଦ୍ଦେଶାଳୟରୁ ଆସିଥିବା ବିଶେଷଜ୍ଞମାନେ ସେଗୁଡ଼ିକର ସମାଧାନ ସମ୍ପର୍କରେ ଯଥାଯଥ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

## ବନାଗ୍ନି ପ୍ରଶମନ ସଚେତନତା କାର୍ଯ୍ୟକ୍ରମ

**ଭଞ୍ଜନଗର,୧୦।୨(ସମିସ):** ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ମଙ୍ଗଳବାର ବନଖଣ୍ଡସ୍ତରୀୟ ବନାଗ୍ନି ପ୍ରଶମନ ଓ ପରିଚାଳନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି ଅଧକ୍ଷତା କରିଥିଲେ। ଉପଜିଲାପାଳ ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବାକୁ ହେଲେ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି କହିଥିଲେ। ଏଥିପ୍ରତି ସମସ୍ତେ ସଚେତନ ହୋଇ ପଦକ୍ଷେପ ନେବାକୁ ଉପଜିଲାପାଳ ଉପସ୍ଥିତ କର୍ମଚାରୀ ଏବଂ ଅନ୍ୟମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ବିଡିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବେଲଗୁଣ୍ଠା ବିଡିଓ, ଏସଡିପିଓ ଦୀପକ କୁମାର ମିଶ୍ର, ଭଞ୍ଜନଗର ଦମକଳ କେନ୍ଦ୍ରର ହାବିଲଦାର କେ ଦଣ୍ଡବାବୁ, ଭଞ୍ଜନଗର ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ, ଏସିଏଫ ବିମଳ ପ୍ରଧାନ, ବିବେକ ଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ରଙ୍କନିଧି ପାତ୍ର, ସୁଶାନ୍ତ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇ ଜଙ୍ଗଲ ନିଆଁକୁ କିଭଳି ରୋକାଯାଇପାରିବ ସେନେଇ କହିଥିଲେ।

## ବସୁ ପ୍ରହରାଜଙ୍କ ଜନ୍ମଦିନ ପାଳିତ



**ପୁରୁଷୋତ୍ତମପୁର,୧୦।୨(ସମିସ):** କିମ୍ବଦନ୍ତୀ ଅନୁସାରେ ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା' ତାରାତାରିଣୀଙ୍କ ବାପା ବସୁ ପ୍ରହରାଜଙ୍କ ୩୩୧ତମ ଜନ୍ମ ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ବସୁ ପ୍ରହରାଜ ସଂସ୍କୃତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ମୋଚିରାମ ଦାସ, ହିନ୍ଦୀ ପ୍ରଚାର ସଭାର କୁଳ ସଚିବ ପ୍ରଫୁଲ୍ଲ କୁମାର ରଥ, ଏ ରାଜୁ ଗୋପାଳ ରାଓ, ପର୍ଶୁରାମ ଗଉଡ, ହରିହର ପଣ୍ଡା, ମନମୋହନ ତ୍ରିପାଠୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବସୁ ପ୍ରହରାଜଙ୍କୁ ମନେରଖିବା ପାଇଁ ପ୍ରଥମେ ସଂସ୍କୃତ ବିଦ୍ୟାଳୟ ପରିସରରେ ଥିବା ବସୁ ପ୍ରହରାଜ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

**● ବାଲ୍ୟକୃଷ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ବ୍ରହ୍ମପୁର



**ପାତ୍ରପୁର,୧୦।୨(ସମିସ):** ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତ ଅନ୍ତର୍ଗତ ରାଜପୁର ଗ୍ରାମରେ ସ୍ୱର୍ଗତ ରଞ୍ଜନ ସାହୁଙ୍କ ସ୍ମୃତିରେ ଆୟୋଜିତ ବାଲ୍ୟକୃଷ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନଧି ମୀନା ଦ୍ୟାନସାମନ୍ତରା, ରଣ୍ଡା ସରପଞ୍ଚ ଅଜିତ ରାଉଳ, ଯୁବ ସମାଜସେବୀ ସନ୍ତୋଷ ପାତ୍ର, ମୋହନା ବଣିକ ସଙ୍ଘ ସଭାପତି ମନୋଜ ସାହୁ, ସାମନ୍ତିଆପଲ୍ଲୀ ସମିତି ସଭ୍ୟ, ଜୟନ୍ତିପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ, ବରଙ୍ଗ ସରପଞ୍ଚ ଭି. ଦେବୀ ପ୍ରସାଦ, ତଣ୍ଡିପୁର ସମିତିସଭ୍ୟ ରାମକୃଷ୍ଣ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ଲୋକ ମଞ୍ଚାସିନ ଥିଲେ। ୧୬ଟି ଆଞ୍ଚଳିକ ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିବା ବେଳେ ଉଦଘାଟନୀ ଉତ୍ସବରେ ବ୍ରହ୍ମପୁର ରୟାଲ ବଏଜ୍ ସହ ମନ୍ଦରଡ଼ାର ମୁକାବିଲା ରହିଥିଲା। ବ୍ରହ୍ମପୁର ଦଳ ଟସ୍ ଜିତି ୧୦ ଓଭରରେ ୮ ୱିକେଟ ହରାଇ ୮୪ ରନ ସଂଗ୍ରହ କରିଥିଲା। ଜବାବରେ ମନ୍ଦରଡ଼ା ଦଳ ୮ ୱିକେଟ ହରାଇ ୯.୪ ଓଭରରେ ୮୫ରନ କରି ବିଜୟ ଲାଭ କରିଥିଲେ। ମ୍ୟାଚକୁ ମୋଦା. ପ୍ରଦୀପ ଓ କାଳିଆ ସେଠୀ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସମ୍ବିତ ଦାସ ତୁଲାଇଥିଲେ। ଯୁବ ସାମ୍ବାଦିକ ରାଜେଶ୍ ସେଠୀ ମଞ୍ଚ ପରିଚାଳନା କରିଥିଲେ।

**ଫେବୃୟାରୀ ୧୧ରୁ ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ**

# ଜିଲ୍ଲାରେ ଦ୍ୱିତୀୟ 'ଏମ୍ସ' ପ୍ରତିଷ୍ଠା ପାଇଁ କରାଯିବ ଦାବି

**ବ୍ରହ୍ମପୁର, ୧୦।୨ (ସମିସ):** ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଫେବୃଆରୀ ୧୧ରୁ ୧୫ ପର୍ଯ୍ୟନ୍ତ ୫ ଦିନ ଧରି ୩ୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ-୨୦୨୬ ଆୟୋଜିତ ହେବ। ଏନେଇ ଆୟୋଜକ ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପାଥିକ, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ୮୧ ଗୋଟି ପ୍ରଦର୍ଶନୀ ଷ୍ଟଲ ସହ ପ୍ରତ୍ୟେକ ଦିନ ବିଭିନ୍ନ ରୋଗ ନିରାକରଣ ସମ୍ପର୍କିତ ଆଲୋଚନାଚକ୍ର ସହ ସ୍ୱାସ୍ଥ୍ୟ ପରୀକ୍ଷା ମାଗଣାରେ ଉପଲବ୍ଧ ହେବ।

ଜିଲ୍ଲାକୁ ରାଜ୍ୟର ସ୍ୱାସ୍ଥ୍ୟ ପର୍ଯ୍ୟଟନର ଏକ ପେଣ୍ଠସ୍ଥଳୀ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ମୁଖରେ ରାଜ୍ୟର ଦ୍ୱିତୀୟ ଏମ୍ସ ଗଞ୍ଜାମ ଜିଲ୍ଲାରେ ପ୍ରତିଷ୍ଠା କରିବାକୁ ମହୋତ୍ସବ ଅବସରରେ ଦାବି ଉପସ୍ଥାପିତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସଭାପତି ବିଜୟ ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରତିଦିନ ଦୁଇଓଳା ଓପିଡ଼ି ଖୋଲାଯାଇ ସେଠାରେ ବିଶାଖାପାଟଣା ଓ ଭୁବନେଶ୍ୱରରୁ ସୁନାମାଧନ୍ୟ ବିଶେଷଜ୍ଞମାନେ ଯୋଗଦେବେ। ସମ୍ପୂର୍ଣ୍ଣ ମାଗଣାରେ ରୋଗୀମାନେ ବିଶେଷଜ୍ଞଙ୍କ




ଠାରୁ ପରାମର୍ଶ ନେଇପାରିବେ। ପ୍ରତ୍ୟହ ସକାଳୁ ଯୋଗ, ମଧ୍ୟାହ୍ନରେ ଆଲୋଚନାଚକ୍ର, ସନ୍ଧ୍ୟାରେ ବୈଠକ ଓ ପରେ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ୧୪ତାରିଖରେ ମେଗା ରକ୍ତଦାନ ଶିବିର ଏବଂ ଶେଷ ଦିନ ଜିଲ୍ଲାରେ ଏମ୍ସ ପ୍ରତିଷ୍ଠା ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ଅଙ୍ଗଦାନ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଙ୍ଘର ସମ୍ପାଦକ ଡା. ବିଷ୍ଣୁ ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ। ୧୧ତାରିଖ ପୂର୍ବାହ୍ନରେ ମଶାଲ ଶୋଭାଯାତ୍ରା ମା ବୁଢୀ ଠାକୁରାଣୀ ମନ୍ଦିର, ମା ତାରାତାରିଣୀ ମନ୍ଦିର ଏବଂ ମା ବାଙ୍କେଶ୍ୱରୀ ପୀଠରୁ ବାହାରି ଠାକୁରାଣୀ ମନ୍ଦିର ନିକଟରେ ପହଂଚିବ। ସେଠାରେ ପୂଜାର୍ଚ୍ଚନା ପରେ ମଶାଲ ଗୁଡିକୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆକୁ ଅଣାଯିବ। ସାମ୍ବାଦିକ ସମ୍ମିଳନୀରେ ସଙ୍ଘର କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼, ଉପସଭାପତି ନାରାୟଣ ଦାସ, ଗଣମାଧ୍ୟମ ସଂଯୋଜକ ସୁନୀଲ କୁମାର ସାହୁ, ନାଗେଶ୍ୱର ପୃଷ୍ଟି, ନବୀନ କୁମାର ମହାପାତ୍ର, ରୋହିତ ପରିଡା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପୀତବାସ ପଣ୍ଡା ହତ୍ୟା ମାମଲା...

# ରାଜେନ୍ଦ୍ରଙ୍କୁ ଜାମିନ; ଶୂନ୍ୟଙ୍କ ଆବେଦନ ଖାରଜ

## ୧୭ରେ ସୁନିଲଙ୍କ ସମେତ ୫ଜଣଙ୍କ ଜାମିନ ଆବେଦନର ଶୁଣାଣି

ବ୍ରହ୍ମପୁର,୧୦।୨(ସମିସ)

ଗତବର୍ଷ ଅକ୍ଟୋବର ୬ ରାତିରେ ସ୍ଥାନୀୟ ବୈକୁଣ୍ଠ ନଗରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଥିଲେ। ଏହି ମାମଲାରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁ, ଆଇନଜୀବୀ ମଦନ ଦଳାଇ, କର୍ପୋରେଟର ମଳୟ ବିଷୋୟୀ, ଚିଣ୍ଟୁ ପ୍ରଧାନ, ଉମା ବିଷୋୟୀ, ଯୋଗୀ ରାଉତ, କୁରୁପତି ଭୂୟାଁ, ଶୂନ୍ୟ ଚନ୍ଦ୍ର ଦାସ ଓ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ମୋଟ ୧୬ଜଣଙ୍କୁ ପୁଲିସ ଗିରଫ କରିଥିଲା। ପୂର୍ବରୁ ବିଭିନ୍ନ କୋର୍ଟରେ ଅଭିଯୁକ୍ତଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜାମୀନ ଆବେଦନ କରାଯାଇଥିଲେ ହେଁ ସମସ୍ତ ଆବେଦନ ଖାରଜ ହୋଇଥିଲା। ତେବେ ଗତ ୫ତାରିଖରେ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିବା ଅଭିଯୁକ୍ତ ଶୂନ୍ୟ ଚନ୍ଦ୍ର ଦାସ ଓ ରାଜେନ୍ଦ୍ର କୁମାର ସାହୁଙ୍କ ପିଟିସନର ଶୁଣାଣି କରି ରାୟ ସଂରକ୍ଷିତ ଥିଲା। ଏହି ରାୟ ପ୍ରକାଶ ପାଇଥିବା ବେଳେ ଶୂନ୍ୟ ଚନ୍ଦ୍ର ଦାସଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଥିବା ବେଳେ ରାଜେନ୍ଦ୍ର କୁମାର ସାହୁଙ୍କୁ



ଜିଲ୍ଲା ଓ ଦୌରା ଜଜ୍ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ଜଣାପଡିଛି। ପୀତବାସ ପଣ୍ଡା ହତ୍ୟା ମାମଲାରେ ଜାମିନ ପାଇଥିବା ଅଭିଯୁକ୍ତ ଜଣକ ହେଲେ ନୟାଗଡ଼ ଚାନ୍ଦପୁର ନିବାସୀ ରାଜେନ୍ଦ୍ର କୁମାର ସାହୁ। ସେ ପୀତବାସ ପଣ୍ଡା ଘଟଣାରେ ବ୍ୟବହାର ହୋଇଥିବା ବାଇକକୁ ଚୋରି କରି ବିକ୍ରି କରିବା ଅଭିଯୋଗରେ ଗିରଫ ହୋଇଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଶୱାନ ଆଦି ୫ଜଣ ଅଭିଯୁକ୍ତଙ୍କ ଓକିଲ ଚକ୍ରପାଣି ନାହାକଙ୍କ ଦ୍ୱାରା ଜିଲ୍ଲା କୋର୍ଟରେ ଜାମିନ ଆବେଦନ କରାଯାଇଛି। ଯାହାର ଶୁଣାଣି ଆସନ୍ତା ୧୭ତାରିଖରେ ଏଡିଜେ-୩ କୋର୍ଟରେ ହେବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିବା ପରେ ଅଭିଯୁକ୍ତ କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ ବାଇକ୍‌ରେ ଶୀତଳାପଲ୍ଲୀ ଠାରେ ପହଞ୍ଚି ଉଭୟେ ପୋଷାକ ବଦଳାଇ ଅପରାଧରେ ବ୍ୟବହୃତ ପୋଷାକ ସେଠାରେ ଫୋପାଡି ଦେବା ସହ ହେଲମେଟ୍ ଓ ବନ୍ଧୁକ ଲୁଚାଇ ଦେଇଥିଲେ। ତଦନ୍ତ ସମୟରେ ଉପରୋକ୍ତ ସମସ୍ତ ସାମଗ୍ରୀକୁ ପୁଲିସ ଉଦ୍ଧାର କରିଥିବା କହିଛି। ପରେ କୁରୁପତି ଭୂୟାଁ ଏବଂ ଚିଣ୍ଟୁ ପ୍ରଧାନ ବାଇକ୍ ଯୋଗେ ଜାତୀୟ ରଜପଥରେ ପହଞ୍ଚିଥିଲେ। ସେମାନେ ଜାତୀୟ ରାଜପଥରେ ଚାନ୍ଦପୁର ଛକ ନିକଟରେ ଏକ ଚାହା ଦୋକାନରେ ବାଇକ୍ ଛାଡି ଭୁବନେଶ୍ୱରକୁ ଏକ ବସ ଯୋଗେ ଚାଲିଯାଇଥିଲେ। ଉକ୍ତ ବାଇକକୁ ରାଜେନ୍ଦ୍ର କୁମାର ସାହୁ ଚୋରି କରିବା ସହ ତାକୁ ଖଣ୍ଡ ଖଣ୍ଡ କରି ବିକ୍ରି କରିଥଲା। ତଦନ୍ତ ବେଳେ ଜଣାପଡିବା ପରେ ପୁଲିସ ରାଜେନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଏମ୍‌କେସିଜିରେ ଭର୍ତ୍ତି ହେଲେ ବିକ୍ରମ; ଜେଲ୍ ଫେରିଲେ ମଦନ

ବ୍ରହ୍ମପୁର,୧୦।୨(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଆଇନଜୀବୀ ମଦନ ଦଳାଇଙ୍କୁ ଚିକିତ୍ସା ପାଇଁ ପୁଣି କଡ଼ାସୁରକ୍ଷା ବଳୟରେ ଏମକେସିଜି ମେଡ଼ିକାଲକୁ ଅଣାଯାଇଥିଲା। ମଦନଙ୍କ ବିଭିନ୍ନ ପରୀକ୍ଷା ସହ ପୁନଃ ଏକ୍ସରେ କରାଯାଇ ତାଙ୍କୁ ଜେଲକୁ ନିଆଯାଇଥିଲା। ତେବେ ବିକ୍ରମଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଅଧିକ ଚିକିତ୍ସା ଆବଶ୍ୟକତା ଥିବାରୁ ତଥା ବିଭିନ୍ନ ପରୀକ୍ଷାର ରିପୋର୍ଟ ଆଧାରରେ ତାଙ୍କୁ ସର୍ଜରୀ ବିଭାଗ ୱାର୍ଡରେ ଭର୍ତ୍ତି କରାଯାଇଛି। ଗତକାଲି କମିଟମେଣ୍ଟ ପାଇଁ ଅଭିଯୁକ୍ତ ମଦନଙ୍କୁ ହୁଇଲ୍ ଚେୟାରରେ ଅଣାଯାଇ କୋର୍ଟରେ ହାଜର କରିଥିଲା ପୁଲିସ। ମାମଲାରେ ଜଡ଼ିତ ଅନ୍ୟ ୧୫ଜଣଙ୍କୁ ଭର୍ଚ୍ଚୁଆଲରେ ହାଜର କରାଯିବା ପରେ ମାମଲାଟି ଅତିରିକ୍ତ ଜିଲ୍ଲା ଦୌରାଜଜ (ତୃତୀୟ)ଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭କୁ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ଗିରଫ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ ଓ ମଦନ ଦଳେଇଙ୍କ ମେଡ଼ିକାଲ ରିପୋର୍ଟ କୋର୍ଟ ମାଗିଥିଲେ। ରିପୋର୍ଟ ଆଧାରରେ କୋର୍ଟରୁ ଅନୁମତି ମିଳିବା ପରେ ଆଜି ବିକ୍ରମ ଓ ମଦନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲକୁ ଅଣାଯାଇଥିଲା। ବିକ୍ରମଙ୍କ ଶରୀରରେ ଗଲବ୍ଲାଡର ଷ୍ଟୋନ ଓ ପାଇଲସ ଚିହ୍ନଟ ସହିତ ସେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ। ଯାହାଫଳରେ ସେ ଜେଲରେ ଗତ ୬ତାରିଖ ଠାରୁ ସ୍ୱାଭାବିକ ଭାବେ ଖାଦ୍ୟ ଗ୍ରହଣ କରିପାରିନଥିବା ଜଣାପଡିଛି। ପ୍ରାଥମିକ ଚିକିତ୍ସା ପରେ ବିକ୍ରମଙ୍କୁ ସର୍ଜରୀ ବିଭାଗ ପ୍ରଫେସର ଡାକ୍ତର ମନୋଜ ସେଠୀଙ୍କ ୱାର୍ଡରେ ୩୧୭ନମ୍ବର ଶଯ୍ୟାରେ ରଖାଯାଇଛି। ବିକ୍ରମଙ୍କ ସୁରକ୍ଷା ପାଇଁ ମେଡ଼ିକାଲରେ ଜଣେ ହାବିଲଦାରଙ୍କ ସମେତ ୫ଜଣ ସଶସ୍ତ୍ର କନେଷ୍ଟବଳ ନିୟୋଜିତ ରହିଛନ୍ତି। ଏଥିସହିତ ବୈଦ୍ୟନାଥପୁର ଥାନାର ମଧ୍ୟ କିଛି ଅଧିକାରୀ ବିକ୍ରମଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବେ ବୋଲି ଜଣାପଡିଛି। ବିକ୍ରମଙ୍କୁ ଡାକ୍ତରଖାନାକୁ ଅଣାଯାଇଥିବା ସୂଚନା ପାଇ ତାଙ୍କ ବାପା, ପତ୍ନୀ, ଦୁଇ ପୁଅ, ଦୁଇ ଭଉଣୀ, ଜ୍ୱାଇଁ ଓ ବହୁ କର୍ପୋରେଟରଙ୍କ ସମେତ ସମର୍ଥକ ଓ ଦଳୀୟ ନେତା ଓ କର୍ମୀ ଡାକ୍ତରଖାନାରେ ପହଞ୍ଚିଥିଲେ।





# ସହରତଳି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଡିସିଙ୍କୁ ସ୍ମାରକପତ୍ର

ବ୍ରହ୍ମପୁର,୧୦।୨(ସମିସ): ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ ଗଞ୍ଜାମ ଜିଲ୍ଲାର ତଥା ବ୍ରହ୍ମପୁରର ବିକାଶ ଓ ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ ଗମନାଗମନ ଭିତ୍ତିଭୂମି ଯଥା ସଡ଼କପଥ, ରେଳପଥ, ଆକାଶପଥ ଓ ଜଳପଥର ବିକାଶ, କମିଶନରେଟ୍ ପୁଲିସ ବ୍ୟବସ୍ଥା ଓ ଶିଳ୍ପ ପ୍ରତିଷ୍ଠା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କମିଶନରେଟ୍ ପୁଲିସ ଏବଂ ରେଲ୍‌ୱେ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ ମୋଟ ୪ଟି ଦାବିପତ୍ର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଆର୍‌ଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଆଲୋଚନା ବେଳେ ଗଞ୍ଜାମ ଜିଲ୍ଲାକୁ ଭିତ୍ତିଭୂମି ଓ ବୃହତ୍ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ କିଭଳି ଅବହେଳା କରାଯାଉଛି ସେନେଇ କମିଟି ସଦସ୍ୟମାନେ ଆରଡିସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଗ୍ରୀନ ଫିଲ୍ଡ ବିମାନ ବନ୍ଦର ପ୍ରତିଷ୍ଠା ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା।

ସମ୍ପ୍ରତି ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ୧୨୫୦ମିଟରର ରନୱେ ନିର୍ମାଣ ଚାଲିଛି। ଆବଶ୍ୟକ ସ୍ଥଳେ ଏହାକୁ ଦୁଇଗୁଣା ଅର୍ଥାତ୍ ୨୫୦୦ମିଟର କରାଯାଇପାରିବ ତେବେ ଏନେଇ ରାଜନୈତିକ ଇଛାଶକ୍ତି ଅଭାବ ଥିବା ନେଇ ଆଲୋଚନା ହୋଇଥିଲା। ବ୍ରହ୍ମପୁରକୁ ଏକ ଉତ୍ପାଦନ ଓ ଆଇଟି ହବରେ ପରିଣତ କରିବା, ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ସହରର ରାସ୍ତା ପ୍ରଶସ୍ତିକରଣ, ସୈନିକ ସ୍କୁଲ ପ୍ରତିଷ୍ଠା, ଏନଡିଏର ଶାଖା ଖୋଲିବା ତଥା ଏଠାରେ ପ୍ରତିରକ୍ଷା ଶିଳ୍ପ କରିଡ଼ର ନିର୍ମାଣ ଆଦି ନେଇ କମିଟି ପ୍ରତିନିଧି ଦଳ ଦାବି ଉପସ୍ଥାପନ କରିଥିଲେ। କମିଟି କର୍ମକର୍ତ୍ତାମାନେ ଆରଡିସିଙ୍କୁ ସାକ୍ଷାତ କରି ଗୋପାଳପୁର ଠାରୁ ରେଢ଼ାଖୋଲ ଭାୟା ଭଞ୍ଜନଗର-ଫୁଲବାଣୀ ରେଳପଥ ନିର୍ମାଣ, ବହୁ ପୁରାତନ ତଥା ସର୍ବାଧିକ ରାଜସ୍ୱ ପ୍ରଦାନ କରୁଥିବା ବ୍ରହ୍ମପୁର ଷ୍ଟେସନକୁ ଏକ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା ସହିତ ଏଠାରୁ ଦେଶର ପ୍ରମୁଖ ସହରକୁ ସିଧାସଳଖ ରେଳ ସୁବିଧା କରିବା, ୱାସିଂ ବେଶିନ, ରେଳ ଟର୍ମିନାଲ, ୫ ଓ ୬ନମ୍ବର ପ୍ଲାଟଫର୍ମ ନିର୍ମାଣ ତଥା ସର୍ବୋପରି ଶୀତଳାପଲ୍ଲୀ ଠାରେ ଏକ ବନ୍ଦେ ଭାରତ କୋଚ ଫ୍ୟାକ୍ଟ୍ରି ନିର୍ମାଣ ଆଦି ସମ୍ବଳିତ ୩ଟି ପୃଥକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଦିନକୁ ଦିନ ବଢି ଚାଲିଥିବା ଆଇନଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ଓ ଦକ୍ଷତାର ସହ ଅପରାଧ ଦମନ ନିମନ୍ତେ ବ୍ରହ୍ମପୁରରେ କମିଶନରେଟ୍ ପୋଲିସ ବ୍ୟବସ୍ଥା ଲାଗୁ କରିବା ନେଇ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଦେବୀ ପ୍ରସାଦ ଦାସ, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସଂଯୋଜନ ସିଏଚ ରାମକ୍ରିଷ୍ଣା ଦାସ, ଉପଦେଷ୍ଟା କାଳିନ୍ଦୀ ଚରଣ ନାୟକ ଓ ଗୌରୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଦୂର ହେବ ଆୟୁର୍ବେଦିକ ଓ ହୋମିଓପାଥିକ ରୋଗୀଙ୍କ ଦୁଃଖ

## ● ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ଆସିଲା ବହୁ ମୂଲ୍ୟବାନ ଔଷଧ

ବ୍ରହ୍ମପୁର,୧୦।୨(ସମିସ): ଜିଲ୍ଲାର ବହୁ ରୋଗୀ ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସା ଉପରେ ନିର୍ଭରଶୀଳ। ଏଣୁ ରୋଗୀଙ୍କ ନିମନ୍ତେ ଆବଶ୍ୟକ ରହୁଥିବା ଔଷଧର ଅଭାବ ରହିଥିଲା। ଔଷଧ ଅଭାବରୁ ବହୁ ରୋଗୀଙ୍କ ଚିକିତ୍ସା ବ୍ୟାଘାତ ହେଉଥିଲା। କିନ୍ତୁ ବର୍ତ୍ତମାନ ରୋଗୀଙ୍କ ପାଇଁ ଏକ ଆଶ୍ୱାସନମୂଳକ ଖବର ମିଳିଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୭ପ୍ରକାର ଆବଶ୍ୟକୀୟ ଆୟୁର୍ବେଦିକ ଔଷଧ ମିଳିଥିବା ବେଳେ ୫୦ରୁ ଅଧିକ ପ୍ରକାରର ହୋମିଓପାଥିକ ଔଷଧ ମିଳିଛି। ଔଷଧଗୁଡ଼ିକୁ ଜିଲ୍ଲାର ବିଭିନ୍ନ ସରକାରୀ ଆୟୁଷ ଚିକିତ୍ସାଳୟ ଓ ଡିସ୍‌ପେନସାରୀମାନଙ୍କୁ ଶୀଘ୍ର ବଣ୍ଟନ କରାଯିବ। ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୪୮ଟି ଓ ଗଜପତି ଜିଲ୍ଲାରେ ୬ଟି ଆୟୁର୍ବେଦ ବିଭାଗର ଚିକିତ୍ସାଳୟ ରହିଛି। ସେଠାକୁ ଆସୁଥିବା ରୋଗୀଙ୍କୁ ଆବଶ୍ୟକ ମୁତାବକ ଔଷଧ ମିଳିପାରୁନଥିବା ଅଭିଯୋଗ ରହିଥିଲା। କିଛିମାସ ହେବ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ପଡୁଥିଲା। ବର୍ତ୍ତମାନ ପର୍ଯ୍ୟାପ୍ତ ମାତ୍ରାରେ ଔଷଧ ଆସିଥିବା ବେଳେ ବର୍ତ୍ତମାନ ଏହାକୁ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଉଛି। ଏହାସହ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବଣ୍ଟନ ବ୍ୟବସ୍ଥା କରାଯାଉଥିବା ଜିଲ୍ଲା ଆୟୁର୍ବେଦ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେହିପରି ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସାକୁ ଲୋକାଭିମୁଖୀ କରିବା ଦିଗରେ ବିଜୁ ପଟ୍ଟନାୟକ ହୋମିଓପାଥିକ ଚିକିତ୍ସାଳୟ ଓ ମହାବିଦ୍ୟାଳୟ ଓ ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ ଚିକିତ୍ସାଳୟ ଓ ମହାବିଦ୍ୟାଳୟରେ ମାଗଣା 'ନିଦାନ' ସେବା ଠାରୁ ଆରମ୍ଭ ହୋଇଛି। ସେହିପରି ଚିକିତ୍ସାଳୟରେ ଇନ୍‌ଡ଼ୋର ବ୍ୟବସ୍ଥା ସହ ସମସ୍ତ ପ୍ରକାରର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ମାଗଣା ଔଷଧ ପ୍ରଦାନ କରାଯାଇଥିବା ବେଳେ ଚିକିତ୍ସା ଆଶା ନେଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଆୟୁର୍ବେଦିକ ଓ ହୋମିଓପାଥିକ ରୋଗୀ ଉପକୃତ ହୋଇପାରିବେ। ଫଳରେ ଗ୍ରାମାଞ୍ଚଳରେ ଆୟୁର୍ବେଦିକ ଓ ହୋମିଓପାଥିକ ଚିକିତ୍ସା କ୍ଷେତ୍ରରେ ସୁଦୃଢ଼ ହେବାରେ ଆଶଙ୍କା ରହିଛି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ବ୍ରହ୍ମପୁର,୧୦।୨(ସମିସ): ଗଞ୍ଜାମ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରହିତ୍ୟରେ ସୋମବାର ସ୍ଥାନୀୟ ହିଲପାଟଣା ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏମଏଫସି (ଏଲଆରଏଣ୍ଡଏଲଟିଭି) ଜଜ୍ ସୁଶ୍ରୀ ଅନ୍ୱେଷା ଦାସ, ସିଭିଲ ଜଜ୍ ପ୍ରୋବେସନ ସୁଶ୍ରୀ ସ୍ମିତା ମହାପାତ୍ର, ସିଭିଲ ଜଜ୍ ପ୍ରୋବେସନ ସୁଶ୍ରୀ ଶୁଭଲକ୍ଷ୍ମୀ ଦାସ, ଜିଲ୍ଲା ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରାଙ୍କ ସମେତ ବହୁ ଶ୍ରମିକ ଉପସ୍ଥିତ ଥିଲେ।

# ଡା. ଲକ୍ଷ୍ମୀବାଈଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ



ବ୍ରହ୍ମପୁର,୧୦।୨(ସମିସ): ଡା. ଲକ୍ଷ୍ମୀବାଈଙ୍କୁ ମଙ୍ଗଳବାର ତାଙ୍କ ଭାବାନଗର ଘରେ ସାକ୍ଷାତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଡାକ୍ତର ଲକ୍ଷ୍ମୀବାଈ ନିଜ ଜୀବନ ସାରାର ସଞ୍ଚିତ ୩ କୋଟି ୪୦ ଲକ୍ଷ ଟଙ୍କା ଦାନ କରି ଚର୍ଚ୍ଚାରେ ଅଛନ୍ତି। ନାରୀ ଶିକ୍ଷା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ତାଙ୍କ ଅବଦାନ ପ୍ରେରଣାଦାୟୀ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଡ଼ା. ଲକ୍ଷ୍ମୀବାଈଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିଷୟରେ ମତ ଦେଇ ସେ କହିଲେ ଯେ, ୧୯୨୬ ମସିହାରେ ଜନ୍ମିତ ଡାକ୍ତର ଆମେରିକାର ଚିକାଗୋରେ ଶିକ୍ଷାଲାଭ କରିଛନ୍ତି। ଦୀର୍ଘ ସମୟ ଧରି ସ୍ୱାସ୍ଥ୍ୟ ସେବା କରିଛନ୍ତି। ଏପରିକି ଅବସର ପରେ ବି ଶିବିର କରି ମହିଳାଙ୍କ ଅସ୍ତ୍ରୋପଚାର କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ସେ କେତେ ଚିନ୍ତିତ ଏଥିରୁ ସ୍ପଷ୍ଟ ବାରି ହେଉଛି। ଓଡ଼ିଶାର ମହିଳାଙ୍କ ପାଖରେ ଅର୍ଥର ଅଭାବ ନାହିଁ। ସେମାନେ ଡା. ଲକ୍ଷ୍ମୀବାଈଙ୍କ ମାର୍ଗ ଅନୁସରଣ କଲେ ଅନ୍ୟ ମହିଳାଙ୍କ ଚିକିତ୍ସା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।
ସାକ୍ଷାତ ସମୟରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ଉପଜିଲ୍ଲାପାଳ ଅବିନାଶ କୁମାର, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କଲୋନୀରୁ ଜବରଦଖଲ ଉଚ୍ଛେଦ

# ୧୪ଟି ସରକାରୀ ଘରେ ବୁଲିଲା ବୁଲ୍‌ଡୋଜର





ବ୍ରହ୍ମପୁର,୧୦।୨(ସମିସ)

ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କୋଲନୀରେ ଥିବା ସରକାରୀ ଘରେ ଦୀର୍ଘବର୍ଷ ଧରି ଜବର ଦଖଲକାରୀମାନେ ରହି ଆସୁଥିଲେ। ଆଜି ମ୍ୟୁନିସିପାଲଟି କ୍ୱାର୍ଟର୍ସରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୪ଟି ସରକାରୀ ଘର ମାଟିରେ ମିଶିଛି। ଦୁଇଥର ନୋଟିସ୍ ପରେ ଆଜି ବିଏମସି ପକ୍ଷରୁ ଘରକୁ ଭାଙ୍ଗି ଦିଆଯାଇଛି। ସରକାରୀ ଘରକୁ ଭଡ଼ାରେ ଲଗାଇଥିଲେ ଖୋଦ ସରକାରୀ କର୍ମଚାରୀ ମାନେ। ଯେଉଁ ସରକାରୀ କର୍ମଚାରୀ ଏଭଳି ଘର ଭଡ଼ାରେ ଲଗାଇଛନ୍ତି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମସି କମିଶନର ପ୍ରଥମେସ୍ ଅରବିନ୍ଦ ରାଜେସିର୍କେ କହିଛନ୍ତି। ତେବେ ବ୍ରହ୍ମପୁର ମହାନଗର ନିଗମ ଅଧିନରେ ରହିଛି ମ୍ୟୁନିସିପାଲିଟି କୋଲନୀ। ୭୬ଜଣ ସରକାରୀ କର୍ମଚାରୀମାନଙ୍କ ପାଇଁ ଲାଞ୍ଜିପଲ୍ଲୀ ମ୍ୟୁନିସିପାଲିଟି କୋଲନୀରେ କୋଠା ନିର୍ମିତ ହୋଇଥିଲା। ଏଥିମଧ୍ୟରୁ ୪୬ କ୍ୱାଟରରେ ବେଆଇନ ଭାବେ ଲୋକେ ଜବରଦଖଲ କରି ରହିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ବିଏମସି ନିକଟରେ ପହଞ୍ଚିବା ପରେ ୪୬ଜଣଙ୍କ ମଧ୍ୟରୁ ୧୬ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବଳକା ୩୦ଟି କ୍ୱାଟରରେ ରହୁଥିବା ପରିବାର ଲୋକଙ୍କୁ ଘର ଖାଲି କରିବା ନିମନ୍ତେ ବିଏମସି ପକ୍ଷରୁ ଗତ ଡିସେମ୍ବର ୨୦ ଓ ଡିସେମ୍ବର ୨୬ତାରିଖରେ ଦୁଇ ଦୁଇ ଥର ନୋଟିସ୍ ଜାରି କରାଯାଇଥିଲା। ଏହାପରେ ସୋମବାର ମଧ ବିଏମସି ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜବରଦଖଲରେ ଥିବା ଲୋକଙ୍କୁ ଘର ଖାଲି କରିବାକୁ ଜଣାଇ ଦିଆଯାଇଥିଲା। ଏହାପରେ ଆଜି ବିଏମସି କମିଶନର ପ୍ରଥମେସ୍ ଅରବିନ୍ଦ ରାଜେସିର୍କେ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅଭିନାଶ କୁମାର, ଡେପୁଟି କମିଶନର ସଂଘମିତ୍ରା କଲ୍ୟାଣି ଦେବୀଙ୍କ ସହ ଟାଉନ ଏସଡିପିଓ ପ୍ରିୟ ରଞ୍ଜନ ଛୋଟରାୟ, ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତରେ ସରକାରୀ କ୍ୱାର୍ଟର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଚ୍ଛେଦ ସମୟରେ ୨୨ରୁ ଉର୍ଦ୍ଧ୍ୱଜଣ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡିଥିଲା। ତେଣୁ ଆଜି ୧୪ଟି ଘରକୁ ଭଙ୍ଗା ଯାଇଛି। ଗୋଟିଏ ଘର ସେପ୍ଟି ଥିବା ଚିହ୍ନଟ ହୋଇଛି। ୮ରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀଙ୍କୁ ନୋଟିସ ହୋଇଛି। ଆଗାମୀ ଦିନରେ ଆହୁରି ଘର ଭଙ୍ଗା ଯିବ। ଘର ଭଙ୍ଗାଯିବା ପୂର୍ବରୁ ପୁଣିଥରେ ନୋଟିସ କରାଯିବ। ତେବେ ଏଠାରେ ବହୁ ସରକାରୀ କର୍ମଚାରୀ ମାନେ ନିଜର ଅବସର ସମୟ ପରେ ମଧ ସରକାରୀ କ୍ୱାର୍ଟରକୁ ନିଜ ଅକ୍ତିଆରରେ ରଖିଛନ୍ତି। କିଛି ସରକାରୀ କର୍ମଚାରୀ ନିଜ କ୍ୱାଟରକୁ ଅନ୍ୟକୁ ଭଡାକୁ ମଧ ଦେଇଛନ୍ତି। ଅପରପକ୍ଷେ ଏଠାରେ ଗୃହହୀନ ଲୋକଙ୍କୁ ସ୍ଥାନୀୟ କର୍ପୋରେଟର ମାନେ ହିଁ ସେଠାରେ ଥଇଥାନ କରିଥିବା ଅଭିଯୋଗ ହୋଇଛି। ମ୍ୟୁନିସିପାଲିଟି କୋଲନୀକୁ ଜବରଦଖଲକାରୀଙ୍କ ଠାରୁ ମୁକ୍ତ କରାଗଲା ପରେ ସେଠାରେ ପୁଣି ବହୁତଳ ବିଶିଷ୍ଟ କୋଠା ନିଗମର କର୍ମଚାରୀ ମାନଙ୍କ ନିମନ୍ତେ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି।

# ୬ହଜାର ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ଦାବି



ବ୍ରହ୍ମପୁର,୧୦।୨(ସମିସ): ବ୍ରହ୍ମପୁର ମହାନଗର ନିଗମ ଅଧୀନସ୍ଥ ସମସ୍ତ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୬ହଜାର ଯୋଗ୍ୟ ନୂତନ ବୟସ୍କ ହିତାଧିକାରୀଙ୍କୁ ଗତ ଦୁଇବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାନଯିବା ଅତ୍ୟନ୍ତ ସମ୍ବେଦନଶୀଳ ଓ ଦୁଃଖର ବିଷୟ। ଏହି ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ କିଛି ବୟସ୍କ ବ୍ୟକ୍ତି ଆଖି ବୁଜିସାରିଲେଣି। ନବ ନିର୍ବାଚିତ ସରକାରଙ୍କ ଘୋଷଣା ସତ୍ତ୍ୱେ ବର୍ଦ୍ଧିତ ଭତ୍ତା ମିଳିବା ତ ଦୂରର କଥା ମୂଳ ଭତ୍ତା ମଧ ମିଳିନଥିବା ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଭତ୍ତା ବୃଦ୍ଧି ସହିତ ସହିତ କୋଭିଡ–୧୯ ସମୟରେ ବ୍ରହ୍ମପୁର ସହରରେ ପୌରନିଗମ କାଉନସିଲ ନଥିବାବେଳେ ବେନିୟମ ଓ ଅଗଣତାନ୍ତ୍ରିକ ଭାବେ ଲାଗୁ କରାଯାଇଥିବା ବର୍ଦ୍ଧିତ ଘର ଟିକସକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ମଧ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ମୃତ ପଶୁମାନଙ୍କ ଦେହ ପଚିସଢି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବାରୁ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଗୁରୁତର ପ୍ରଭାବ ପଡୁଛି। ଏହାର ସମାଧାନ ପାଇଁ ମୃତ ପଶୁଙ୍କ ଶରୀର ଦହନ ନିମନ୍ତେ ବୈଦ୍ୟୁତିକ ଦହନ ଯନ୍ତ୍ର ସ୍ଥାପନ କରିବାକୁ ମଞ୍ଚ ଦାବି କରିଛି। ଏହାଛଡ଼ା ସହର ବାହାରେ ଅବସ୍ଥିତ ଗୋଶାଳାଗୁଡ଼ିକରେ ସିସିଟିଭି କ୍ୟାମେରା ସଂଯୋଗ କରି ପଶୁମାନଙ୍କ ଚିକିତ୍ସା, ଯତ୍ନ, ଖାଦ୍ୟ ଓ ସୁରକ୍ଷା ବ୍ୟବସ୍ଥାର ନିୟମିତ ତଦାରଖ କରିବା ଏବଂ ପଲିଥିନ ବ୍ୟବହାରକୁ ସଂପୂର୍ଣ୍ଣ ଭାବେ ନିଷିଦ୍ଧ କରିବା ପାଇଁ କଠୋର ପଦକ୍ଷେପ ନେବା ଆଦି ୬ଟି ପ୍ରମୁଖ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ କମିସନର ବିଭୁ ପ୍ରସାଦ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ମନୋଜ କୁମାର ତରାଇ, ଆର୍. ସତ୍ୟନାରାୟଣ ରାଓ, ଶିବ ସୁନ୍ଦର ରଥ, ପ୍ରଫୁଲ୍ଲ କୁମାର ଜେନା, ଏସ୍. ଶାମ୍ବଶିବ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

## ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଇଡ୍ରାମାରେ ଯବନିକା

# ଡିପିଏଚ୍ଓଙ୍କୁ ତାଲା ପରେ ବଦଳିଲେ ଜୟ ପଣ୍ଡା

ମୋହନା,୧୦।୨(ସମିସ)





ଶେଷରେ ମୁଣ୍ଡ ନୂଆଁଇଲା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଦୁଇ ଦିନର ଆନ୍ଦୋଳନ ପରେ ବଦଳିଲେ ଗଜପତି ଜିଲ୍ଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ। ସୋମବାର ସକାଳଠାରୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜୟ ପଣ୍ଡାଙ୍କ ବଦଳି ଦାବିରେ ଧାରଣାରେ ବସିଥିଲେ ଆଶାକର୍ମୀ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସରକାରୀ ବାସଭବନରେ ତାଲା ପକାଇ ଗଣ ଧାରଣା ଦେଇଥିଲେ ଶତାଧିକ ଆଶାକର୍ମୀ। ମଙ୍ଗଳବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ପାଇଁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଡିପିଏଚ୍ଓ) ଡା. ପ୍ରଦୀପ ମହାପାତ୍ର। ତେବେ ଦାବି ପୂରଣ ନହେବାରୁ ତାଙ୍କୁ ମଧ୍ୟ ଏକ କୋଠରିରେ ତାଲା ପକାଇ ଦେଇଥିଲେ ଆଶାକର୍ମୀ। ଆଶାକର୍ମୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଓ ସମସ୍ତ ଡାକ୍ତର ସମୂହ ଛୁଟିରେ ଯିବାକୁ ଘୋଷଣା କରିଥିଲେ। ଘଟଣାସ୍ଥଳରେ ମୋହନା ତହସିଲଦାର ଚକ୍ରଧର ପାଢ଼ୀ ଓ ପୁଲିସ ଟିମ ପହଞ୍ଚି ଆଶାକର୍ମୀଙ୍କୁ ବୁଝାସୁଝା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜୟ ପଣ୍ଡାଙ୍କ ଠାରୁ ଦାୟିତ୍ୱ ପ୍ରତ୍ୟାହାର କରି ଡିପିଏଚ୍ଓ ନିଜେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱ ନେବା ସହ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଡା. ରାମକୃଷ୍ଣ ପାତ୍ରଙ୍କୁ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱ ପ୍ରଦାନ କରାଯିବା ପରେ ଆନ୍ଦୋଳନରୁ ଓହରିଥିଲେ ଆଶାକର୍ମୀ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତର ମଧ୍ୟ କାର୍ଯ୍ୟରେ ଯୋଗ ଦେଇଥିଲେ। ଜଣେ ସ୍ଥାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିଯୁକ୍ତି ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ଡିପିଏଚଓ କହିଛନ୍ତି।

ସୂଚନା ଯୋଗ୍ୟ ଯେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଜୟ ପଣ୍ଡାଙ୍କ ବଦଳି ଦାବିରେ ସୋମବାର ସକାଳୁ ଆଶାକର୍ମୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିସହ ଯେଉଁଦିନ ଠାରୁ ଡା. ଜୟ ପଣ୍ଡା ଦାୟିତ୍ୱ ନେଇଥିଲେ ସେହିଦିନ ଠାରୁ ଆଶାକର୍ମୀଙ୍କୁ ନିୟମିତ ପାରିଶ୍ରମିକ ମିଳୁନଥିଲା। ଏଥିସହ ବିଭିନ୍ନ ବାବଦକୁ ଲାଞ୍ଚ ମାଗୁଥିଲେ ବୋଲି ଆଶାକର୍ମୀ ସଂଘର ଗଜପତି ଜିଲ୍ଲା ସଭାନେତ୍ରୀ ନିରୁପମା ନାୟକ ଓ ବ୍ଲକ ସଭାନେତ୍ରୀ ସଂଗୀତା ନାୟକ ଅଭିଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ବଦଳି ନ କରାଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆଶାକର୍ମୀ ଚେତାବନୀ ଦେଇଥିଲେ। ଆଶାକର୍ମୀ ଆହୁରି ଅଭିଯୋଗ କରିଥିଲେ ଯେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପତ୍ନୀ ବୀମା ଏଜେଣ୍ଟ ଥିବାବେଳେ ତାଙ୍କ ପାଖରେ ପଲିସି କରିବାକୁ ବାଧ୍ୟ କରୁଛନ୍ତି। ଯିଏ ପଲିସି ନକରିବ ତାଙ୍କ ପାରିଶ୍ରମିକ ଦେବାରେ ବିଳମ୍ବ କରିବା ସହ ହଇରାଣ କରାଯାଉଛି। ଏନେଇ ବାରମ୍ବାର ଆଶାକର୍ମୀ ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଉନାହିଁ। ବାଧ୍ୟ ହୋଇ ତାଙ୍କ ବାସଭବନରେ ତାଲା ପକାଇ ଧାରଣା ଦେଉଛୁ ବୋଲି କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବଦଳି ଦାବିରେ ସମୂହ ଛୁଟିରେ ଯାଇଥିବା ସ୍ୱାସ୍ଥ୍ୟକର୍ମୀ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ନୂତନ ଭାବେ ଦାୟିତ୍ୱ ନେଇଥିବା ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରାମକୃଷ୍ଣ ପାତ୍ରଙ୍କୁ ସ୍ୱାଗତ କରିଛନ୍ତି କାର୍ଯ୍ୟରତ ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, କର୍ମଚାରୀ ଓ ଆଶାକର୍ମୀ।

## ବ୍ଲକ ଅଧିକାରୀ ଓ କର୍ମଚାରୀଙ୍କ ହସ୍ତତନ୍ତ ପୋଷାକ ପରିଧାନ



ପାରଳାଖେମୁଣ୍ଡି,୧୦।୨(ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସପ୍ତାହର ଗୋଟିଏ ଦିନ (ଶୁକ୍ରବାର) ହସ୍ତତନ୍ତ ପୋଷାକ ପିନ୍ଧିବା ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଏହି ପଞ୍ଚାୟତ ସମିତି ଅଧିନରେ କାର୍ଯ୍ୟରତ ସମସ୍ତ ଅଧିକାରୀ/କର୍ମଚାରୀଙ୍କୁ ଓଡ଼ିଶା ବୁଣାକାର ସମାଜର ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତି ଶୁକ୍ରବାର କାର୍ଯ୍ୟ ସମୟରେ ଓଡ଼ିଶା ହସ୍ତତନ୍ତ ପୋଷାକ ପରିଧାନ କରିବାକୁ ପତ୍ରମାଧ୍ୟମରେ ଅନୁରୋଧ କରିଥିଲେ।ଏପରି ଉତ୍ସାହ ଭରା ନିବେଦନକୁ ରକ୍ଷା କରି ଶୁକ୍ରବାର ପୂର୍ବରୁ ବିଡିଓ ଶ୍ରୀ ପଟ୍ଟନାୟକଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି। ଶୁକ୍ରବାର ଏପରି ପୋଷାକ ପରିଧାନ କରିବେ ହେଲେ ଏପରି ପତ୍ର ପ୍ରେରଣାଦାୟକ ରହିଥିବାରୁ ଆଗୁଆ ପରିଧାନ କରିଛୁ ବୋଲି କହିଛନ୍ତି।

## ଏସ୍‌ୟୁଜେର ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ

# ଯୋଗଦେବେ ଗଜପତିର ୨୫ ସାମ୍ବାଦିକ



ପାରଳାଖେମୁଣ୍ଡି,୧୦।୨(ସମିସ): ଆସନ୍ତାକାଲି ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ଷଷ୍ଠ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ ଭୁବନେଶ୍ୱର ଜୟଦେବ ଭବନରେ ହେଉଛି। ଏହି ସମ୍ମିଳନୀରେ ରାଜ୍ୟର ମନ୍ତ୍ରୀଙ୍କ ସମେତ ବହୁ ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯିବା ସହ ସାମ୍ବାଦିକ ପେନସନ ଓ ସାମ୍ବାଦିକଙ୍କ ସୁରକ୍ଷା ସମେତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ କେତେକ ମୌଳିକ ତଥା ଯଥାର୍ଥ ଦାବି ଉପସ୍ଥାପନ କରାଯିବ। ଏହି ଉପଲକ୍ଷେ ଏସ୍‌ୟୁଜେ ଗଜପତି ଜିଲ୍ଲା ଶାଖାରୁ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗ ଦେବାକୁ ମଙ୍ଗଳବାର ୨୫ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଜିଲ୍ଲା ସଂଘ ସଭାପତି ଗରୁଡ଼ଧ୍ୱଜ ଚୌଧୁରୀ ଏବଂ ଜିଲ୍ଲା ସମ୍ପାଦକ ତାରିଣୀ ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସଂଘ ରଶ୍ମୀରଞ୍ଜନ ମିଶ୍ର ଓ ରାଜେନ୍ଦ୍ର ଭୁକ୍ତାଙ୍କ ନେତୃତ୍ୱରେ ଭୁବନେଶ୍ୱର ଯାତ୍ରା କରିଛନ୍ତି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମବଙ୍ଗ ଦମ୍ପତି



ପାରଳାଖେମୁଣ୍ଡି,୧୦।୨(ସମିସ): ଗଜପତି ଜିଲ୍ଲାରୁ ୭୭ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନଗା ପୋଷ୍ୟ ସନ୍ତାନ ଭାବେ ପଶ୍ଚିମବଙ୍ଗର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତ ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ରାଣୀପେଣ୍ଠ ଠାରେ ଥିବା ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମରେ ରଖାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଅଧିକ ସମୟ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ପଶ୍ଚିମବଙ୍ଗର ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଦମ୍ପତି ଶାରୀରିକକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲା। ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯାଞ୍ଚ କରିବା ପରେ ଆଜି ଶିଶୁଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁର ବୟସ ୪ ମାସ ଓ ଶିଶୁପୁତ୍ର ହୋଇଥିବା ବେଳେ, ଶିଶୁଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡିରେ ଆଇନ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୦।୨(ସମିସ): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକାରଣର ଆୟୋଜନରେ ଆଜି ପାରଳାଖେମୁଣ୍ଡି ସିଭିଲ କୋର୍ଟ ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା, ମୋଟର ଦୁର୍ଘଟଣା ମାମଲା ଓ ମୋଟର ଯାନ ଆଇନ ସମ୍ବନ୍ଧୀୟ ବିଷୟ, ସଂଶୋଧିତ ଦାବି ଟ୍ରିବ୍ୟୁନାଲ ସହମତି ପ୍ରକ୍ରିୟା ଉପରେ ଆଲୋଚନା କରାଯାଇଥିଲା। ସେହିପରି ବିକଳ୍ପ ବିବାଦ ସମାଧାନ ପ୍ରଣାଳୀ ଅନ୍ତର୍ଗତ ସ୍ଥାୟୀ ଲୋକ ଅଦାଲତର ସ୍ଥାପନ, କାର୍ଯ୍ୟ ପ୍ରଣାଳୀ, ପିଏଲଏ ଦ୍ୱାରା ଗ୍ରହଣୀୟ ବିବାଦ ଓ ଆଇନ



ସେବା କର୍ତ୍ତୃପକ୍ଷ ଆଇନ, ୧୯୮୭ର ଅଧ୍ୟାୟ-ଭିଏ ଅନୁସାରେ ମିଳୁଥିବା ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତି, ସ୍ୱତନ୍ତ୍ର କୋର୍ଟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ପାତ୍ର, ମୁଖ୍ୟନ୍ୟାୟିକ ମ୍ୟାଜିଷ୍ଟ୍ରେଟ ନରୋତ୍ତମ ସେଠୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରା, ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳ, ମହିଳା ଅଦାଲତର ସିନିଅର ଡିଭିଜନ ସିଭିଲ ଜଜ ରଶ୍ମିତା ସାହୁ, ଏସଡିଜେଏମ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମଏଫସି ସତ୍ୟଜିତ ପାଣି, ପ୍ରୋବେସନ ସିଭିଲ ଜଜ୍ କୁମାରୀ ଅଭିପ୍ସା ମହାଙ୍କୁଡ଼ ଓ ପାରଳାଖେମୁଣ୍ଡି ବାର ଆସୋସିଏସନ ସଚିବ ଏମ. ପୃଥ୍ୱୀରାଜ ଉପସ୍ଥିତ ଥିଲେ। ବରିଷ୍ଠ ଅଧିବକ୍ତା ହୀରାଚନ୍ଦ ଓ ପାରଳାଖେମୁଣ୍ଡି ଟ୍ରାଫିକ ୱିଙ୍ଗ ଅଧିକାରୀ ବାଲ୍ମୀକି ପ୍ରଧାନ ଯୋଗଦେଇ ଲୋକଙ୍କୁ ଆଇନ ସଚେତନତା ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଭିଲ କୋର୍ଟର ସମସ୍ତ କର୍ମଚାରୀ, ପାରଳାଖେମୁଣ୍ଡି ବାର ସଦସ୍ୟ ଓ ଟ୍ରାଫିକ ପୁଲିସ ଅଧିକାରୀ ଉପସ୍ଥିତଥିଲେ।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ପାରଳାଖେମୁଣ୍ଡି,୧୦।୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଆଦର୍ଶ ଥାନା ସମ୍ମୁଖ ମାଧିକା ସାହିର ଜଣେ ଯୁକ୍ତ ଦୁଇ ଛାତ୍ରୀ ନିଖୋଜ ଥିବା ବେଳେ ତାଙ୍କୁ ଜଣେ ଯୁବକ ଅପହରଣ କରିନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ, ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଥିବା ନାବାଳିକା ଛାତ୍ରୀ ଜଣକ ଗତକାଲି ସେ ସ୍ଥାନୀୟ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ଫାଇନାଲ ପରୀକ୍ଷା ଦେବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଏନେଇ ଆଜି ଥାନାରେ ଏତଲା ଦେଇଛନ୍ତି। ଜଣେ ଯୁବକ ତାଙ୍କୁ ଦୀର୍ଘଦିନ ହେଲା ହଇରାଣ କରୁଥିଲେ ଓ ସେ ଏକ ବଣଭୋଜିରେ ଯାଇଥିବାବେଳେ କିଛିଦିନ ତଳେ ସେଠାରେ ଯୌନ ନିର୍ଯାତନା ଦେଇଥିଲେ। କିନ୍ତୁ ଝିଅର କ୍ୟାରିୟର ନଷ୍ଟ ହେବା ଓ ଲୋକଲଜ୍ଜା ଭୟରେ ପରିବାର ଲୋକେ ରିପୋର୍ଟ କରିନଥିବାର ଉଲ୍ଲେଖ କରିଛନ୍ତି। ସମ୍ପୃକ୍ତ ଯୁବକ ଏହାପରେ ଛାତ୍ରୀଙ୍କ ପିଛା ଛାଡ଼ିଦେବେ କହିଥିବାବେଳେ ଗତକାଲି ଅପହରଣ କରି ନେଇଥିବା ଶୁଣିବାକୁ ମିଳୁଛି ବୋଲି ପରିବାର ଲୋକେ କହିଛନ୍ତି।

## ୧୨ହଜାର ପିଲା ଓ ମହିଳାଙ୍କୁ କୃମି ନାଶକ ଔଷଧ



ଟିକାବାଲି,୧୦।୨(ସମିସ): ଆଜି ଟିକାବାଲି ବ୍ଲକରେ କୃମି ନାଶକ ଦିବସ ପାଳନ କରାଯାଇଛି। ଏହି ଦିବସରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ପ୍ରାୟ ପାଖାପାଖି ୧ରୁ ୧୯ବର୍ଷର ୧୨ହଜାର ପିଲା ଓ ମହିଳାଙ୍କୁ କୃମି ନାଶକ ଔଷଧ ସେବନ କରାଯାଇଥିଲା। ଏହା ବ୍ୟତୀତ, ୨୦ରୁ ୨୪ ବର୍ଷ ବୟସ ମଧ୍ୟରେ ଥିବା ପ୍ରଜନନ କ୍ଷମ ମହିଳା ମଧ୍ୟ ନିଜ ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କୃମିନାଶକ ଔଷଧ ସେବନ କରିଥିଲେ। ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏଏନଏମ ଓ ସିଏଚଓ ଯଥାଶକ୍ତି ଶିକ୍ଷାନୁଷ୍ଠାନକୁ ଯାଇ ପିଲାଙ୍କୁ କୃମିନାଶକ ଔଷଧ ଖୁଆଇଥିଲେ।

## ୧୩୬ ବିଏସ୍ଏଫ୍ ବାଟାଲିୟନର ସିଭିକ୍ ଆକ୍ସନ କାର୍ଯ୍ୟକ୍ରମ



ବାଲିଗୁଡ଼ା,୧୦।୨(ସମିସ): ୧୩୬ ବିଏସଏଫ ଯବାନଙ୍କ ପକ୍ଷରୁ ମୁଗୁନିପଦରରେ ସିଭିକ ଆକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଟାଲିୟନର ସତପାଲ ସିଂହ, ନିର୍ମଳ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏସଆଇ ସଞ୍ଜୟ କୁମାର ଏବଂ ଏଏସଆଇ ଜି.ଉପେନ୍ଦ୍ର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମରବନ୍ଧ ସରପଞ୍ଚ ସୁଶୀଳା କହଁର , ମଣ୍ଡଳ ସଭାପତି ଦେବେଶ୍ୱର ଦୀପା , ଈଶ୍ୱର ଦିଗାଳଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମୋଟ ୩୦୨ ଗ୍ରାମବାସୀ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେବା ସହ ଯୁବକଙ୍କୁ ଭଲିବଲ, କ୍ରିକେଟ ବ୍ୟାଟ ବଲ, କ୍ୟାରେମ୍ ଭଳି ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ସହ ବିଏସଏଫର ସମ୍ପର୍କ ସୁଦୃଢ଼ ହେବା ସହ ସାମାଜିକ ସଚେତନତା ବୃଦ୍ଧି ପାଇବ ବୋଲି କୁହାଯାଇଛି।

## କାର-ବୁଲେଟ୍ ମୁହାମୁହିଁ: ବୁଲେଟ୍ ଚାଳକ ଗୁରୁତର

ଜି.ଉଦୟଗିରି,୧୦।୨(ସମିସ): ଜି.ଉଦୟଗିରି ବ୍ଲକ ତାଲାରିମାହା ପଞ୍ଚାୟତ ଜବେଡି ନିକଟ ଶଙ୍ଖସାହି ବୁଲାଣିରେ ଏକ କାର୍ ଓ ବୁଲେଟ ମୁହାମୁହିଁ ଧକ୍କା ହେବାରୁ ବୁଲେଟ ଚାଳକ ଗୁରୁତର ହୋଇଛନ୍ତି। ଜି.ଉଦୟଗିରିରୁ ଟିକାବାଲି ଯାଉଥିବା କାର୍ ସହିତ ବିପରୀତ ଦିଗରୁ କଳିଙ୍ଗା ଆଡ଼କୁ ଆସୁଥିବା ବୁଲେଟ ମୁହାମୁହିଁ ଧକ୍କା ହୋଇଥିଲା। ଅଞ୍ଚଳବାସୀ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଆମ୍ବୁଲାନ୍ସରେ ଆହତଙ୍କୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲା। ଖବର ପାଇ ଜି.ଉଦୟଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଯାନ ଜବତ କରିବା ସହ ତଦନ୍ତ କରୁଛି।

## ୨୪ ପ୍ରହର ନାମଯଜ୍ଞ ପାଇଁ ଶୁଭଖୁଣ୍ଟି ସ୍ଥାପନ

ଜି.ଉଦୟଗିରି,୧୦।୨(ସମିସ): ଜି.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତ କିଳାକିଆ ଗ୍ରାମରେ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୪ ପ୍ରହର ନାମଯଜ୍ଞ ଉପଲକ୍ଷେ ଆଜି ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅମୃତ ପରିବାରର ପ୍ରତିଷ୍ଠାତା ସୁଦାୟ ଆବାଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଛି। ଏହି ଅବସରରେ ପୂଜକ ପଣ୍ଡିତ ସନ୍ତୋଷ କୁମାର ଦାଶ ଓ ରାଧାକୃଷ୍ଣ ମନ୍ଦିରର ପୂଜକ ଶ୍ରୀ ସୁଫଳ ମିଶ୍ରଙ୍କ ଦ୍ୱାରା ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ବୟୋଜ୍ୟେଷ୍ଠ ଉଦୟନାଥ ପ୍ରଧାନ ଓ ଅତ୍ରି ପ୍ରଧାନ ତଥା ଆୟୋଜକ ସମିତିର ସଭାପତି ବସୁଦେବ ପ୍ରଧାନ, ସମ୍ପାଦକ ମଦନ ପ୍ରଧାନ, ପଞ୍ଚାୟତସ୍ତରୀୟ ଯଜ୍ଞ କମିଟି ସଭାପତି ମୀନକେତନ ପ୍ରଧାନ ଓ ଆୟୋଜନ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ● ଦାରିଙ୍ଗବାଡ଼ିରେ ଉପମୁଖ୍ୟମନ୍ତ୍ରୀ

# ପର୍ଯ୍ୟଟନ ସ୍ଥଳର ଉନ୍ନତି ପାଇଁ ଅଧିକାରୀଙ୍କ ସହ ଆଲୋଚନା



ଦାରିଙ୍ଗବାଡି: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କନ୍ଧମାଳ ଗସ୍ତରେ ଆସିଥି ସୋମବାର ଦାରିଙ୍ଗବାଡିରେ ପହଞ୍ଚି ଇକୋ ରିଟ୍ରିଟ୍‌ରେ ରାତ୍ରିଯାପନ କରିଥିଲେ। ମଙ୍ଗଳବାର ସକାଳ ୧୦ଟାରେ ସେ ଦାରିଙ୍ଗବାଡିର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ହିଲଭିୟୁ ପାର୍କ, କଫି ବଗିଚା, ପାଇନ୍‌ବଣ ଏବଂ ଶ୍ରୀନିକେତାରେ ହୋଇଥିବା ଷ୍ଟ୍ରବେରୀ ଚାଷ ବୁଲି ଦେଖିଥିଲେ। ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ ଜିଲ୍ଲାପାଳ ବେଦ ଭୂଷଣ, ବାଲିଗୁଡା ଉପଜଲ୍ଲାପାଳ ପ୍ରଣୀତା ଦାସ, ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ସହ ଆଲୋଚନା କରିଥିଲେ। ଉପ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ପର୍ଯ୍ୟଟନ ବିଭାଗ ପର୍ଯ୍ୟଟକ ନିର୍ଦ୍ଦେଶକ ଦିପଙ୍କର ମହାପାତ୍ର, ସ୍ୱତନ୍ତ୍ର ସଚିବ ଅବିନାଶ ରାଉତ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀନିବାସ ଷଡ଼ଙ୍ଗୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡା ପିଏଆଇଟିଡିଏ କୃପାସିନ୍ଧୁ ବେହେରା, ଫୁଲବାଣୀ ପିଏଆଇଟିଡିଏ ଗଦାଧର ପାତ୍ର, ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଓ ତହସିଲଦାର ଧିରଜ ପାତ୍ରଙ୍କ ସହିତ ଜିଲ୍ଲା ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ 'ସୁଭଦ୍ରା ଶକ୍ତି' ମେଳାରେ ଉପମୁଖ୍ୟମନ୍ତ୍ରୀ

# ୧୧ ଏସ୍ଏଚ୍‌ଜି ଗ୍ରୁପ୍‌କୁ ସହାୟତା ରାଶି ପ୍ରଦାନ

ବାଲିଗୁଡ଼ା,୧୦।୨(ସମିସ): ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ବାଲିଗୁଡ଼ାରେ ଅନୁଷ୍ଠିତ ହୋଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଫେବୃଆରୀ ୮ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମେଳା ବାଲିଗୁଡାର ଦଣ୍ଡପଦର୍ ଯାତ୍ରା ପଡିଆରେ ଅନୁଷ୍ଠିତ ହେଉଛି। ମୁଖ୍ୟଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଓ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣୀତା ଦାସ ଯୋଗ ଦେଇଥିଲେ। ଜିଲ୍ଲାର ୧୧ ଏସଏଚ୍‌ଜି ଗ୍ରୁପ ମହିଳାଙ୍କୁ ୧୦ ଲକ୍ଷରୁ ଆରମ୍ଭ କରି ୫୦ ଲକ୍ଷ ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ଲକ୍ଷ ପତି ଦିଦିଙ୍କ ଠାରୁ ଉଦ୍ୟୋଗ ପତି ଦିଦି ହେବା ନିମନ୍ତେ ଆହ୍ୱାନ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ।

# ଟିକାବାଲି ଜଗନ୍ନାଥ ମନ୍ଦିର ପରିଦର୍ଶନ

ଟିକାବାଲି,୧୦।୨(ସମିସ)



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି କନ୍ଧମାଳ ଜିଲ୍ଲା ଗସ୍ତ କରିବା ଅବସରରେ ଟିକାବାଲିର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ମନ୍ଦିରରେ ପହଞ୍ଚି ଠାକୁରଙ୍କୁ ଦର୍ଶନ ସହ ଶ୍ରଦ୍ଧାଳୁଙ୍କ ଗହଣରେ ବସି ଅନ୍ନପ୍ରସାଦ ସେବନ କରିଥିଲେ। ମନ୍ଦିର ପରିସରରେ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଜନସାଧାରଣ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ସେ ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମନ୍ଦିରର ସୁନ୍ଦରୀକରଣ ଓ ଉନ୍ନତିକରଣ ପାଇଁ ମନ୍ଦିର କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ସହିତ ଟିକାବାଲି ଅଞ୍ଚଳର ମୁଖ୍ୟ ସମସ୍ୟା ପାଲଟିଥିବା କଳିଙ୍ଗା ଘାଟିର ବାଇପାସ୍ ରାସ୍ତା ନିର୍ମାଣ ଏବଂ ଜିଲ୍ଲାର ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ଆବେଦନକୁ ଗ୍ରହଣ କରିବା ସହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗସ୍ତ ସମୟରେ ତାଙ୍କ ସହ ଫୁଲବାଣୀ ବିଧାୟକ ଉମାଚରଣ ମଲିକ, ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝି, ଜି.ଉଦୟଗିରି ବିଧାନସଭା ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ, ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଏବଂ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ରାମବିଶି ଦିଗାଳ ଉପସ୍ଥିତ ଥିଲେ। ଟିକାବାଲିରେ କାର୍ଯ୍ୟକ୍ରମ ସାରି ଉପମୁଖ୍ୟମନ୍ତ୍ରୀ ଚକାପାଦ ସ୍ଥିତ ପ୍ରସିଦ୍ଧ ବିରୁପାକ୍ଷ ମନ୍ଦିର ଦର୍ଶନ ପାଇଁ ଯାତ୍ରା କରିଥିଲେ ଏବଂ ସେଠାରୁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

## ହରିଡ଼ାପଦର ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଆସିକା,୧୦।୨(ସମିସ): ଆସିକା ବ୍ଲକର ହରିଡ଼ାପଦର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଂଗୀତା ସେନ, ଏବିଡିଓ ସୁଶାନ୍ତ କୁମାର ବେହେରା, ସିଡିପିଓ ଶାନ୍ତି ସୁଧାକର ପଟନାୟକ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ସରପଞ୍ଚ ଜୟନ୍ତୀ ବେହେରା, ସମିତି ସଭ୍ୟ ତ୍ରିନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ସେହିପରି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୁଲିସ, ବନ ବିଭାଗ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ପ୍ରାଣୀ ଚିକିତ୍ସକ, ଜିପିଓ, ଯୋଗାଣ ସହାୟକ ରଞ୍ଜନ ସ୍ୱାଇଁ, ଜିଆରଏସ ଗୀତାଞ୍ଜଳି ଗମାଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ନିୟମ ମାନିଲେନି କର୍ମଚାରୀ

ଛତ୍ରପୁର,୧୦।୨(ସମିସ): ଗଞ୍ଜାମ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହାର ଥମିବାରେ ନାମ ନେଉନାହିଁ। ଜିଲ୍ଲାରେ ଦୈନିକ ସଡ଼କ ଦୁର୍ଘଟଣା ଅଧିକ ହେଉଥିବାରୁ ଜିଲ୍ଲା ପ୍ରଶାସନ ଉଦବେଗ ପ୍ରକାଶ କରିଛି। ତେଣୁ ସଡ଼କ ସୁରକ୍ଷା ନିୟମ ମାନିବାକୁ ନିବେଦନ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ। ଏହାସହ ଗଞ୍ଜାମ ଜିଲ୍ଲାର ସମସ୍ତ କର୍ମଚାରୀ ସଡ଼କ ସୁରକ୍ଷା ନିୟମର କୋଠର ପାଳନ କରିବାକୁ ଜିଲ୍ଲାପାଳ ଗାଇଡ୍‌ଲାଇନ ଜାରି କରିଛନ୍ତି। ନିୟମ ନ ମାନିଲେ ମୋଟର ଯାନ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତ ବିଭାଗ ମୁଖ୍ୟମାନେ ନିଜନିଜ କାର୍ଯ୍ୟାଳୟ ପରିସରରେ ଉକ୍ତ ନିର୍ଦ୍ଦେଶାବଳୀକୁ କଠୋରତାର ସହ ପାଳନ କରିବେ। ପ୍ରବେଶପଥ ଦ୍ୱାର ଏବଂ ପାର୍କିଂ ସ୍ଥଳୀର ସିସିଟିଭି ରେକର୍ଡିଂ ଗୁଡିକ ଜିଲ୍ଲା ଦଳମାନଙ୍କ ଦ୍ୱାରା ସତ୍ୟାପାଠ ପାଇଁ ସଂରକ୍ଷିତ ରଖିବେ। ଗାଇଡ ଲାଇନ ଜାରି କରାଯିବା ପରେ ଆଜି ବିଭିନ୍ନ ବିଭାଗର କାର୍ଯ୍ୟାଳୟର କିଛି କର୍ମଚାରୀ ନିୟମ ମାନିଥିବା ବେଳେ କିଛି ଜଣ ନିୟମକୁ 'ଫୁ' କରିଥିବା ଦେଖିବାକୁ ମିଳିଛି। ପରିବହନ ବିଭାଗ ଓ ପୁଲିସ ମଧ୍ୟ ଦୁର୍ଘଟଣା ନିୟନ୍ତ୍ରଣ କରିବା ଲାଗି କାମ କରୁଛନ୍ତି। ଏପରିକି ସଚେତନତା ଓ ସଡକ ସୁରକ୍ଷା ମାସ ପାଳନ ହେଉଛି। ଏହିସବୁ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ତଥାପି ଦୁର୍ଘଟଣା ହ୍ରାସ ହେବାରେ ନାମ ଦେଉନାହିଁ। ଗଞ୍ଜାମ ଜିଲ୍ଲାରେ ୮ ବର୍ଷ ମଧ୍ୟରେ ୬୨୭୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୩୨୦୮ ଜଣଙ୍କ ମୃତ୍ୟୁ ହୋଇଛି। ଏପରିକି ୨୦୨୪ ବର୍ଷ ତୁଳନାରେ ୨୦୨୫ ବର୍ଷରେ ଅଧିକ ମାତ୍ରାରେ ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ଅଧିକ ମୃତ୍ୟୁ ମଧ୍ୟ ହୋଇଛି।

## ଆକ୍ରମଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ରଙ୍ଗେଇଲୁଣ୍ଡା,୧୦।୨(ସମିସ): ଗୋଳନ୍ଥରା ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ମାସ ୧୮ ତାରିଖରେ ଯୁବକଙ୍କୁ କାତି ଓ ଲୁହାରଡ଼ରେ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଫେରାର ଅଭିଯୁକ୍ତକୁ ସୋମବାର ଗୋଳନ୍ଥରା ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବାଘଲଟି ଗ୍ରାମର ଶଙ୍କର ପ୍ରସାଦ ଗୌଡ଼। ପୂର୍ବରୁ ଏହି ଘଟଣାରେ ତିନି ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିଲା ପୁଲିସ। ସୂଚନା ଅନୁସାରେ, ଏହି ଥାନା ଅଧିନସ୍ଥ ବାଘଲଟି ଗ୍ରାମର ଭାବଗ୍ରାହୀ ଗୌଡ଼ ସହ ଗ୍ରାମର ଅନ୍ୟ ଗୋଷ୍ଠୀ, ମନ୍ଦିର କମିଟି ଓ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଗତ ମାସ ୧୮ ତାରିଖରେ ଭାବଗ୍ରାହୀ କନିଷ୍ଠି ହାଟ ତୁଳୁ ରୋଡ଼କୁ ପାଇପ କାମ କରିବାକୁ ଯାଉଥିବା ବେଳେ ତୁଳୁ ରାସ୍ତା ନିକଟରେ ଅପରଗୋଷ୍ଠୀର କିଛି ଯୁବକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଭାବଗ୍ରାହୀଙ୍କ ବାପା ସନାତନ ଗୌଡ଼ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିବା ବେଳେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିଲେ। ଶଙ୍କର ବିଶାଖାପାଟଣାରେ ଥିବା ଖବର ପାଇ ପୁଲିସର ଏକ ଟିମ ସେଠାରେ ଚଢ଼ଉ କରି ଶଙ୍କରକୁ ଉଠାଇ ଆଣିଥିଲେ। ଅନ୍ୟପଟେ ଗିରଫ ଶଙ୍କର ନାଁରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଗୋଳନ୍ଥରା ଥାନାରେ ୯ଟି, ବୈଦ୍ୟନାଥପୁର ଥାନାରେ ଦୁଇଟି, ବ୍ରହ୍ମପୁର ଟାଉନ, ବ୍ରହ୍ମପୁର ସଦର ଥାନାରେ ଗୋଟିଏ ମାମଲା ରହିଥିବା ପୁଲିସ ପ୍ରେସ ରିଲିଜରେ ସୂଚନା ଦେଇଛି।

## ଘୋଡ଼ାଦେଇ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧରାକୋଟ,୧୦।୨(ସମିସ): ଧରାକୋଟ ନିକଟସ୍ଥ ଡାକିବଜା ସ୍ଥିତ ଘୋଡାଦେଇ ଉଚ୍ଚ ବିଦ୍ୟାଳୟ ବେଠୁଆରର ବାର୍ଷିକ କ୍ରୀଡା ଉତ୍ସବ ସହ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ବିଦାୟକାଳୀନ ସଭା ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରାଜେଶ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଶିକ୍ଷାବିତ ଗୋବିନ୍ଦ ବିଶୋଇ, ଏସଏମସି ସଭ୍ୟ କୈଳାଶ ଚନ୍ଦ୍ର ବାଡତ୍ୟା, ନିତ୍ୟାନନ୍ଦ ମହାରଣା, ହରିହର ନାଇକ ପ୍ରମୁଖ ଉପସ୍ଥିତ ହୋଇଥିଲେ। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ଗୌଡ ବିଦ୍ୟାଳୟର ପ୍ରଗତି ବିବରଣୀ ପାଠ କରିବା ସହ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ବୋର୍ଡ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ, ସଚେତନାମୂଳକ ନୃତ୍ୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରଯାଇଥିଲା। କାର୍ଯ୍ୟକ୍ରମକୁ କନିଷ୍ଠ ସହାୟକ କେ.ଟୁନା ଦୋରା ସଂଯୋଜନା କରିଥିବା ବେଳେ ତପନ କୁମାର ତ୍ରିପାଠୀ, ସଦାନନ୍ଦ ତ୍ରିପାଠୀ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ହର୍ଷ ବିଶୋୟି, ପ୍ରିୟଙ୍କା ବାଡତ୍ୟା, ମୁରଲିଧର ବାଡତ୍ୟା ସହଯୋଗ କରିଥିଲେ।

# ତାମିଲନାଡୁରେ ଅଟକ ୩ ଓଡ଼ିଆ ଶ୍ରମିକ ଉଦ୍ଧାର

ଦିଗପହଣ୍ଡି,୧୦।୨(ସମିସ)



ତାମିଲନାଡୁ ତିରିପୁର ଜିଲ୍ଲା ପଙ୍ଗାଲୁ ଗ୍ରାମ ନିକଟ ଏକ ପାଣି ବୋର୍ ୱେଲ୍ ଗାଡ଼ି ଗ୍ୟାରେଜର ଏକ ପରିତ୍ୟକ୍ତ ଘର ମଧ୍ୟରୁ ମଙ୍ଗଳବାର ସକାଳେ ଦିଗପହଣ୍ଡି ଥାନା ପୁଲିସ ଟିମ୍ ସେଠାରେ ଅଟକ ଥିବା ୩ ନିର୍ଯାତିତ ଓଡ଼ିଆ ଶ୍ରମିକଙ୍କୁ ସେଠାକାର ପୁଲିସ ସହାୟତାରେ ଉଦ୍ଧାର କରିଛନ୍ତି। ଉଦ୍ଧାର ଶ୍ରମିକ ମାନେ ହେଲେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗାଁର ବି. ବୁଦ୍ଧୁ ରେଡ୍ଡୀ, ବି.ପୂର୍ଣ୍ଣ

**ପରିତ୍ୟକ୍ତ ଗ୍ୟାରେଜ୍‌ରୁ ଉଦ୍ଧାର କଲା ଦିଗପହଣ୍ଡି ପୁଲିସ**

ରେଡ୍ଡୀ ଏବଂ ଏସ.ଧୋବା ଦୋରା। ୩ ଜଣ ଶ୍ରମିକ ଗତ ପ୍ରାୟ ୧୫ ଦିନ ପୂର୍ବେ କାମ ପାଇଁ ଜଣେ ଶ୍ରମିକ ଏଜେଣ୍ଟଙ୍କ ସହ ତାମିଲନାଡୁ ପଙ୍ଗାଲୁ ଗ୍ରାମ ସ୍ଥିତ ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରିକୁ ଯାଇଥିଲେ। ସେଠାରେ ସେମାନଙ୍କୁ କାମ ଦିଆଯିବ ବୋଲି କୁହାଯାଇଥିଲା। ସେଠାରେ କାମ ନ ମିଳିବାରୁ ସେମାନେ ଗାଁକୁ ଫେରିବା ପାଇଁ ସେଠାକାର ଷ୍ଟେସନକୁ ଚାଲି ଆସିଥିଲେ। ସେଠାରୁ ଅନ୍ୟଜଣେ ଶ୍ରମିକ ଏଜେଣ୍ଟ କାମ ଯୋଗାଇ ଦେବାର ପ୍ରତିଶୃତି ଦେଇ ସେମାନଙ୍କୁ ପୁଣି ଡାକି ନେଇଥିଲେ। ସେମାନଙ୍କୁ ଏକ ପାଣି ବୋରୱେଲ ଗାଡ଼ି ଗ୍ୟାରେଜର ଏକ ପରିତ୍ୟକ୍ତ ଘର ଭିତରେ ରଖାଯାଇଥିଲା। ଏଜେଣ୍ଟ ଜଣକ ଗ୍ୟାରେଜ ମାଲିକଙ୍କୁ ଶ୍ରମିକ ଯୋଗାଇଦେଇଥିବା କହି ତାଙ୍କ ନିକଟରୁ ଶ୍ରମିକଙ୍କ ମଜୁରୀ ବାବଦରେ ଅଗ୍ରୀମ ୧୭ ହଜାର ଟଙ୍କା ନେଇଯାଇଥିଲେ। ଗ୍ୟାରେଜ ମାଲିକ ସେମାନଙ୍କୁ ରାତିଦିନ ଖଟାଇବା ସହ ଏକ ଘର ଭିତରେ ବନ୍ଧକ ରଖିଥିଲେ। ଗ୍ୟାରେଜରେ ସେମାନଙ୍କୁ ଆବର୍ଜନା ସଫା କରିବା ଓ ବୋର୍ ୱେଲ୍ ଗାଡ଼ି ଗୁଡ଼ିକୁ ସଫା କରିବା ଭଳି ବିଭିନ୍ନ କାମ କରିବାକୁ ବାଧ କରାଯାଉଥିଲା। ସେଠାରେ ସେମାନଙ୍କୁ ପେଟପୁରା ଖାଇବାକୁ ମଧ୍ୟ ଦିଆଯାଉନଥିଲା। ଅଧିକା ମଜୁରୀ ମିଳିବା ଲୋଭରେ ତାମିଲନାଡୁ ଯାଇଥିବା ୩ ଶ୍ରମିକ ସେଠାରେ ଫସି ଯାଇଥିଲେ। ପରିବାର ସଦସ୍ୟ କିମ୍ବା ଅନ୍ୟ କାହା ସହ କଥା ହେବାକୁ ସେମାନଙ୍କୁ ମନା କରାଯାଇଥିଲା। ସେମାନଙ୍କ ମୋବାଇଲ ଫୋନ ଛଡାଇ ନିଆଯାଇଥିଲା। ମଜୁରୀ ବାବଦରେ ଅଗ୍ରୀମ ଦିଆଯାଇଥିବା ୧୭ ହଜାର ଟଙ୍କାର କାମ ଆଦାୟ କରାଯିବା ପରେ ତୁମ ମାନଙ୍କୁ ଛଡାଯିବ ବୋଲି ଗ୍ୟାରେଜ ମାଲିକ ସେମାନଙ୍କୁ କହିଥିଲେ। ଶୁକ୍ରବାର ଫୋନ ଯୋଗେ ସମସ୍ତ ଘଟଣା ଶ୍ରମିକ ମାନେ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଶ୍ରମିକ ଧୋବାଙ୍କ ବାପା ଦୁର୍ଯ୍ୟୋଧନ ଦୋରା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲା ପ୍ରକାରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ଥାନା ମାମଲା ନଂ.୪୪/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ଅଟକ ଥିବା ୩ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦିଗପହଣ୍ଡି ଥାନା ପ୍ରୋବେସନାରୀ ଏସ.ଆଇ ମହାପ୍ରସାଦ ମହାନ୍ତି, ଏଏସଆଇ ମନୋଜ ସିଂ, ୨ କନେଷ୍ଟବଳ ଏବଂ ଶ୍ରମିକ ମାନଙ୍କ କିଛି ସମ୍ପର୍କୀୟ ସୋମବାର ସକାଳୁ ତାମିଲନାଡୁ ଅଭିମୁଖେ ଯାଇଥିଲେ। ସେଠାରେ ରାତି ପ୍ରାୟ ୧୧ଟାରେ ପହଞ୍ଚି ପଙ୍ଗୁଲୁ ପୁଲିସ ସହ ଯୋଗାଯୋଗ କରିବା ସହ ରାତି ସାରା ଉକ୍ତ ଗ୍ୟାରେଜ ନିକଟରେ ଛକି ରହିଥିଲେ। ମଙ୍ଗଳବାର ସକାଳୁ ଅଟକ ଥିବା ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇଥିଲା। ପୁଲିସ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରାଇବା ପରେ ସେଠାକାର ଥାନାକୁ ନେଇଥିଲେ। ଏହି ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଶ୍ରମିକ ମାନଙ୍କ ବୟାନ ରେକର୍ଡ କରାଯାଇଥିଲା। ସେମାନଙ୍କ କହିବା ପ୍ରକାରେ ଅଭିଯୁକ୍ତ ମାନଙ୍କୁ ଗିରଫ ପାଇଁ ଉଭୟ ପୁଲିସ ଟିମ୍ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ସଫଳ ହୋଇନଥିବା ଜଣାପଡିଛି।

## ବୁଗୁଡ଼ାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି



ବୁଗୁଡ଼ା,୧୦।୨(ସମିସ): ବୁଗୁଡା ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପରେ ସୋମବାର ଗଞ୍ଜାମ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୪ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୭୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨୪ଟି ସାମୂହିକ ଅଭିଯୋଗ ରହିଥିଲା। ସେହିପରି ୧୫ଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ୯ ଜଣଙ୍କୁ ସହାୟତା ରାଶି ବାବଦରେ ୫୫ ହଜାର ଟଙ୍କା ଏବଂ ୫ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ନୂତନ ପଟ୍ଟା ବଣ୍ଟନ କରିଥିଲେ। ଜନଶୁଣାଣିରେ ମୁଖ୍ୟତଃ ମଧୁବାବୁ ପେନସନ, ପିଏମ ଆବାସ ଓ ଅନ୍ତୋଦୟ ଗୃହ ଯୋଜନାରେ ଗୃହ ବଣ୍ଟନ, ରାସନ କାର୍ଡ, ଜମିଜମା ସଂପର୍କିତ ସମେତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟ୍ଟା, ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଭଞ୍ଜନଗର ରଞ୍ଜନ କୁମାର ଦେ, ବୁଗୁଡା ବିଡିଓ ଦ୍ୱିତିକୃଷ୍ଣ ପାତ୍ର, ଏବିଡିଓ ଶ୍ରୀ ଧର୍ମରାଜ ପରିଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୁଗୁଡା ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଅଭିଯୋଗ ଶୁଣାଣି ଶିବିର ଶେଷ ହେଲା ପରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହିତ ବୁଗୁଡ଼ାର ବିଭିନ୍ନ ପୁରାତନ ଐତିହ୍ୟ ସ୍ଥଳକୁ ଯାଇ ସେଗୁଡିକର ଉନ୍ନତିକରଣ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ।

## ୧୨ରେ ଧର୍ମଘଟକୁ ସଫଳ ପାଇଁ ଆହ୍ୱାନ

ଭୁବନେଶ୍ୱର,୧୦।୨(ସମିସ): ପ୍ରଚଳିତ ଶ୍ରମ ଆଇନକୁ ସଂଶୋଧନ କରି କେନ୍ଦ୍ର ସରକାର ୪ ଟି ଶ୍ରମକୋର୍ଡ ପ୍ରଚଳନ କରିବା, ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା, ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ସମେତ କଳକାରଖାନାରୁ ବ୍ୟାପକ ଶ୍ରମିକ ଛଟେଇ, ତାଲାବନ୍ଦ, ବେକାରୀ, ଦରଦାମ ବୃଦ୍ଧି ଭଳି ଶ୍ରମିକ ଓ ଜନବିରୋଧୀ ନୀତି ବିରୋଧରେ ଆସନ୍ତା ଫେବୃଆରୀ ୧୨ ତାରିଖରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଟ୍ରେଡ୍ ୟୁନିୟନ କୋ-ଅଡିନେସନ ସେଣ୍ଟର ସମେତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ଫେଡେରେସନ, ବ୍ୟାଙ୍କ ଓ ବୀମା ଶିଳ୍ପରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସାଧାରଣ ଧର୍ମଘଟ ବା ହରତାଳର ଡାକରା ଦେଇଛନ୍ତି। ଏହି ସାଧାରଣ ଧର୍ମଘଟକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରାଯାଇଛି। ଭାରତ ବର୍ଷର ଅଗଣିତ ଗରିବ ମଣିଷଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ସାଧାରଣ ଧର୍ମଘଟରେ ବିପୁଳ ସଂଖ୍ୟାରେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଆହ୍ୱାନ କରିଛନ୍ତି। ଅନ୍ୟପଟେ ଦେଶ ଓ ଦେଶର ଶ୍ରମିକ ଶ୍ରେଣୀର ସ୍ୱାର୍ଥ ରକ୍ଷା ପାଇଁ ଆହୁତ ଏହି ସାଧାରଣ ଧର୍ମଘଟରେ ସମସ୍ତ ଅଣବିଜେପି, ବାମଗଣତାନ୍ତ୍ରିକ ଦଳମାନେ ସମର୍ଥନ ଜଣାଇ ଏହି ଧର୍ମଘଟରେ ସାମିଲ ହେବା ପାଇଁ ଫରୱାର୍ଡ ବ୍ଲକ ପକ୍ଷରୁ ଆହ୍ୱାନ କରାଯାଇଛି।

ଅପରପକ୍ଷେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଏନ୍‌ଟିୟୁସିର ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ, ଉପସଭାପତି ମଦନ ମୋହନ ଧଳ, ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା, ଏଚଏମଏସର ସମ୍ପାଦକ ବି.ଏନ. ମହାପାତ୍ର, ସିଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଉପସଭାପତି ଦୁଷ୍ମନ୍ତ ଦାସ, ଏଆଇୟୁଟିୟୁସିର ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠୀ, ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା, ଟିୟୁସିସିର ନେତା ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏଲପିଏଫର କାର୍ଯ୍ୟକାରୀ ସଭାପତି ମଧୁସୁଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଫେବୃୟାରୀ ୧୨ ତାରିଖ ଧର୍ମଘଟକୁ ସଫଳ କରିବା ଲାଗି ଆହ୍ୱାନ ଦେଇଥିଲେ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର

**୧୦୬ ୟୁନିଟ୍ ସଂଗୃହୀତ**




ବ୍ରହ୍ମପୁର,୧୦।୨(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ଜୟପୁର ଏବଂ ମାଲକାନଗିରିଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହୋଇ ରକ୍ତଦାନ କରିଛନ୍ତି। ଜୟପୁରଠାରେ ଆୟୋଜିତ ରକ୍ତଦାନ ଶିବିରକୁ ଜୟପୁର ସର୍କଲର ମୁଖ୍ୟ ମନ୍ମଥ ନାଥ ମିଶ୍ର ଉଦଘାଟନ କରିଛନ୍ତି। ଏହି ଅବସରରେ ଟିପିଏସ୍‌ଓଡିଏଲର କର୍ମଚାରୀମାନେ ସ୍ୱଇଛାରେ ରକ୍ତଦାନ କରିଛନ୍ତି। ଆୟୋଜିତ ଶିବିରରୁ ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସେହିପରି ମାଲକାନଗିରି ଡିଭିଜନ ଅଫିସରେ ଆୟୋଜିତ ରକ୍ତଦାନ ଶିବିରକୁ ମାଲକାନଗିରି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଉଦଘାଟନ କରିଛନ୍ତି। ଏଥିରେ ଟିପିଏସ୍‌ଓଡିଏଲର କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ସାମିଲ ହେବା ସହ ରକ୍ତଦାନ କରିଛନ୍ତି। ଆୟୋଜିତ ଶିବିରରୁ ମୋଟ ୪୮ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି।

**ମର୍ଦ୍ଦରାଜ ବଂଶର ଅକ୍ଷୟ କୀର୍ତ୍ତି ଏବେ ଧ୍ୱଂସାଭିମୁଖୀ**

# ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିରର ପୁନରୁଦ୍ଧାର ଦାବି

ଖଲ୍ଲିକୋଟ,୧୦।୨(ସମିସ)

୩୦୦ ବର୍ଷର ପୁରାତନ ଖଲ୍ଲିକୋଟ ଶ୍ରୀ ଜଗନ୍ନାଥ ମନ୍ଦିର ଏବେ ଧ୍ୱଂସାଭିମୁଖୀ। ପୁରୀ ପରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଗୁମୁଟରୁ ୨ ବର୍ଷ ତଳେ ଦୁଇ କିଲୋ ଓଜନର ଏକ ପଥର ଖସିଥିଲା। ଏହା ପୂର୍ବରୁ ଗତ ପ୍ରାୟ ୪ ବର୍ଷ ତଳେ ସିଂହଦ୍ୱାର ଗୁମୁଟରୁ ୭ କିଲୋ ଓଜନର ପଥର ଖସିଥିଲା। ଏହା ପୂର୍ବରୁ ମନ୍ଦିରର ଉତ୍ତର ଦିଗରେ ଥିବା ଏକ ସିଂହମୂର୍ତ୍ତି ଭାଙ୍ଗି ଖସି ପଡିଥିଲା। ପୁରୀ ଗଜପତି ଦିବ୍ୟସିଂହ ଦେବ ଓ





ବର୍ତ୍ତମାନର ବିଜେପି ସରକାର ଅମଳରେ କେନ୍ଦ୍ରମନ୍ତ୍ରୀ ଓ ମନ୍ଦିରର ଅବଢ଼ା ଉଦ୍‌ଘାଟନ ବେଳେ ମନ୍ତ୍ରୀ ବିଭୁତି ଜେନା, ଗୋକୁଳାନନ୍ଦ ମଲିକ ଓ ବିଧାୟକ ମାନେ ପରିଦର୍ଶନ କରି ଖୁବଶୀଘ୍ର ମନ୍ଦିରର ମରାମତି ହେବ ବୋଲି କହିଥିଲେ। କିନ୍ତୁ ଏଯାବତ ମନ୍ଦିର ପାଇଁ କୌଣସି ସରକାରୀ ଅନୁଦାନ ଘୋଷଣା ହେଲା ନାହିଁ। ଦିନକୁ ଦିନ ମନ୍ଦିରର ପଥରରେ ନିର୍ମିତ ଭାସ୍କର୍ଯ୍ୟ ସବୁ ନଷ୍ଟ ହେବାକୁ ବସିଥିବା ବେଳେ ରାଜ୍ୟ ସରକାର ଦୃଷ୍ଟି ନ ଦେବା ଫଳରେ ମର୍ଦ୍ଦରାଜ ବଂଶର ଏହି ଅକ୍ଷୟ କୀର୍ତ୍ତି ଏବେ ଧ୍ୱଂସାଭିମୁଖୀ।

ଏହାସହ ଖଲ୍ଲିକୋଟରେ ଥିବା ରାଧାକୃଷ୍ଣ ମନ୍ଦିର ଓ ଜାଙ୍କ ନାରାୟଣ ମଠ ମଧ୍ୟ ଭୁଶୁଡିବା ପରିସ୍ଥିତିକୁ ଚାଲି ଆସିଲାଣି। ଏହି ଦୁଇ ମଠ ଓ ମନ୍ଦିର ଉପରେ ବଡ଼ ବଡ଼ ଗଛ ଉଠିଗଲାଣି। ତେଣୁ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର ସହିତ ରାଧାକୃଷ୍ଣ ମନ୍ଦିର ଓ ଜାଙ୍କ ନାରାୟଣ ମଠର ପୁନଃରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ଡକ୍ଟର ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ଓ ଦୁଇ ଉତ୍ସାହୀ ଯୁବକ ଦିଲ୍ଲୀପ କୁମାର ସାହୁ, ଅବନୀ କୁମାର ରଥ ଉପସ୍ଥିତ ହୋଇ ରାଜସ୍ୱ ଓ ଦେବୋତ୍ତର ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନିକଟରେ ଏହି ଦାବି ଉପସ୍ଥାପନା କରିଥିଲେ। ଓଡିଶାର ଏତେ ବଡ଼ ମନ୍ଦିରର ଦୂରାବସ୍ଥା ସମ୍ପର୍କରେ ଅବଗତ ହେବା ପରେ ମନ୍ତ୍ରୀ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଆଗାମୀ ୭ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଡକ୍ଟର ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଟ୍ରଷ୍ଟର ସଭାପତି ପୂର୍ଣ୍ଣ ଚନ୍ଦ୍ର ବେହେରା।

## ବୁଗୁଡ଼ାରେ ମାଟ୍ରିକ ପରୀକ୍ଷା ଦେବେ ୧୮୪୪ ଛାତ୍ରଛାତ୍ରୀ

ବୁଗୁଡ଼ା,୧୦।୨(ସମିସ): ଫେବୃୟାରୀ ୧୯ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ମାଟ୍ରିକ୍ ପରୀକ୍ଷା। ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୧୦ଟି କେନ୍ଦ୍ରରେ ମୋଟ ୧୮୪୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ସୂତ୍ରରୁ ଜଣାପଡ଼ିଛି। ବାଲିପଦର ହାଇସ୍କୁଲ କେନ୍ଦ୍ରରେ ସର୍ବାଧିକ ୨୬୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ୨୨୫ ଜଣ, ତାଳସାକର ମହାମାୟୀ ହାଇସ୍କୁଲରେ ୨୦୧ ଜଣ, ପଙ୍କଲବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୯୪ ଜଣ, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୧, ବି.କରଡ଼ାବାଡ଼ି ସର୍ଦ୍ଧାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୪ ଜଣ, ବୁଗୁଡ଼ା ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୫ ଜଣ, ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୪୮, ପୋଚାଲୁଣ୍ଡି ଗ୍ରାମସ୍ଥ ମା' କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୪୧ ଜଣ ଏବଂ କରତୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

## ପୁରୁଣା ବ୍ରହ୍ମପୁର ହାଇସ୍କୁଲ ୧୯୭୬ ବ୍ୟାଚ୍‌ର ବନ୍ଧୁମିଳନ



କୁକୁଡାଖଣ୍ଡି,୧୦।୨(ସମିସ): ପୁରୁଣା ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟରୁ ୧୯୭୬ ମସିହାରେ ମାଟ୍ରିକ ପାସ୍ କରିଥିବା ସହପାଠୀ ମାନଙ୍କ ଏକ ବନ୍ଧୁମିଳନ ଓ ବଣଭୋଜି କାର୍ଯ୍ୟକ୍ରମ ମା' ମହୁରୀ କାଳୁଆ ପୀଠରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସହପାଠୀ ମାନେ ସପରିବାର ଉପସ୍ଥିତ ରହି ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ବୈଠକରେ ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଅଗଷ୍ଟ ୨୩ ତାରିଖକୁ ସୁବର୍ଣ୍ଣ ଜୟନ୍ତୀ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ସୁବର୍ଣ୍ଣ ଜୟନ୍ତୀ ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବା ସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବୈଠକରେ ଉଦ୍ୟୋକ୍ତା ରାମଚନ୍ଦ୍ର ସାମଲଙ୍କ ସମେତ ତାରିଣୀ ମହାରଣା, ଲକ୍ଷ୍ମୀଚରଣ ମହାପାତ୍ର, ବିପିନି ଚନ୍ଦ୍ର ସାହୁ, ରଜନୀକାନ୍ତ ପରିଡ଼ା, ଭି. ସତ୍ୟନାରାୟଣ ମୂର୍ତ୍ତି, ସନ୍ତୋଷ ପଟ୍ଟନାୟକ, ଓକିଲ କୈଳାଶ ଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟାନ୍ୟ ସହପାଠୀମାନେ ଉପସ୍ଥିତ ରହିଥିଲେ। ଆଗାମୀ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ କରିବା ପାଇଁ ସମସ୍ତ ସହପାଠୀଙ୍କ ସହ ଯୋଗାଯୋଗ କରି ଯେପରି ବହୁଳ ସଂଖ୍ୟାରେ ସହପାଠୀ ଯୋଗ ଦେଇପାରିବେ ସେନେଇ ସୀମାଞ୍ଚଳ ବେହେରା ଓ ରାମଚନ୍ଦ୍ର ଚୌଧୁରୀଙ୍କୁ ଅନୁରୋଧ କରାଯାଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୬୭ ● ପାଉଣ୍ଡ ୧୨୪.୧୬
- ୟୁରୋ ୧୦୮.୦୫ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୫,୫୫୦ (ଭୁବନେଶ୍ୱର)
- ରୁପା : ୨,୮୨,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୪,୨୭୩.୦୦
- ନିଫ୍ଟି ୨୫,୯୩୫.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# ଚାଷୀଙ୍କୁ ଘାରିଛି 'ଜିରୋ ଟାରିଫ୍' ଭୟ



**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପ୍ରତି ଘୋଷିତ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା (ବ୍ୟବସାୟ ଢାଞ୍ଚା) ବିରୋଧରେ କୃଷକ ସଂଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍), ଅଖିଳ ଭାରତୀୟ କିଷାନ ସଭା (ଏଆଇକେଏସ୍) ଏବଂ ଅନ୍ୟାନ୍ୟ କୃଷକ ସଂଗଠନଗୁଡ଼ିକ ଫେବୃଆରୀ ୧୨ ରେ ଦେଶବ୍ୟାପୀ ଧର୍ମଘଟ ଏବଂ ବ୍ୟାପକ ପ୍ରତିବାଦ ଘୋଷଣା କରିଛନ୍ତି। ଚାଷୀମାନେ ଏହାକୁ ଭାରତୀୟ କୃଷି, ଦୁଗ୍ଧ ଏବଂ ଗ୍ରାମୀଣ ଜୀବିକା ପ୍ରତି ସମ୍ପୂର୍ଣ୍ଣ ଆତ୍ମସମର୍ପଣ ବୋଲି କହୁଛନ୍ତି। ସେମାନେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଇସ୍ତଫା ଦାବି କରୁଛନ୍ତି ଏବଂ ଚୁକ୍ତିନାମା ପ୍ରତ୍ୟାହାର ପାଇଁ ଦାବି କରୁଛନ୍ତି।

ଏହି ଚୁକ୍ତିନାମା ଅନୁଯାୟୀ, ଭାରତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ଅନେକ କୃଷି ଉତ୍ପାଦ ଉପରେ ଶୁଳ୍କକୁ ହଟାଇବ କିମ୍ବା ଉଲ୍ଲେଖନୀୟ ଭାବରେ ହ୍ରାସ କରିବ। ଏଥିରେ ଶୁଖିଲା ଡିଷ୍ଟିଲର୍ସର ଶସ୍ୟ (ଡିଡିଜି), ଲାଲ ସୋର୍ଘମ୍ (ପଶୁ ଖାଦ୍ୟ), ଟ୍ରି ନଟ୍ସ, ତାଜା ଓ ପ୍ରକ୍ରିୟାକୃତ ଫଳ, ସୋୟାବିନ୍ ତେଲ, ମଦ ଏବଂ ସ୍ପିରିଟ୍ ଅନ୍ତର୍ଭୁକ୍ତ। ପୂର୍ବରୁ, ଏହି ଉତ୍ପାଦଗୁଡ଼ିକ ଉପରେ ଭାରତ ୩୦-୧୫୦% ଶୁଳ୍କ ନେଉଥିଲା, କିନ୍ତୁ ବର୍ତ୍ତମାନ ଏହା ଶୂନ୍ୟ କିମ୍ବା ବହୁତ କମ୍ ରଖାଯାଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ ଶସ୍ତା, ଏହାପରେ ଭାରତୀୟ ବଜାରରେ ସବ୍‌ସିଡିଯୁକ୍ତ ଆମେରିକୀୟ ଉତ୍ପାଦଗୁଡ଼ିକର ବନ୍ୟା ଆସିଯିବ। ଏହା ଘରୋଇ ବଜାରରେ ସେହି ଉତ୍ପାଦଗୁଡିକର ମୂଲ୍ୟ ହ୍ରାସ କରିବ। କ୍ଷୁଦ୍ର ଏବଂ ଭାଗ ଚାଷୀ (୮୬% ଚାଷୀ)ଙ୍କୁ ନଷ୍ଟ କରିବ। ଉଦାହରଣ ସ୍ୱରୂପ, କଞ୍ଚା କପା ଉପରେ ଶୂନ୍ୟ ଶୁଳ୍କ ଯୋଗୁଁ ଏହାର କ୍ୱିଣ୍ଟାଲ ପିଛା ମୂଲ୍ୟ ୧୦୦୦-୧୫୦୦ ଟଙ୍କା ମୂଲ୍ୟ ହ୍ରାସ ପାଇବ। ଏଥିରେ ସେଓ, ସୋୟାବିନ୍, ଗହମ, ଡାଲି ଏବଂ ତୈଳବୀଜ ଭଳି ଉତ୍ପାଦ ପ୍ରଭାବିତ ହେବ।

ଏହାଛଡା ଦୁଗ୍ଧ କ୍ଷେତ୍ରକୁ ନେଇ ଚାଷୀମାନେ ଚିନ୍ତିତ। ପୂର୍ବରୁ, ଆମେରିକୀୟ କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ (ଆମିଷ ଗୋ-ଖାଦ୍ୟ ଖାଉଥିବା ଗାଈରୁ କ୍ଷୀର) ଉପରେ କଟକଣା ଥିଲା, କିନ୍ତୁ ବର୍ତ୍ତମାନ ଅଣ-ଶୁଳ୍କ ବାଧା ଦୁର୍ବଳ ହେଉଛି। ଯାହାଫଳରେ ଆମେରିକାରୁ ଭାରତକୁ ଆମିଷ ଗୋ-ଖାଦ୍ୟ କ୍ଷୀର ପ୍ରବଳ ମାତ୍ରାରେ ଆସିବ। ଏଥିଯୋଗୁ ଲକ୍ଷ ଲକ୍ଷ ଗ୍ରାମୀଣ ପରିବାର ପ୍ରଭାବିତ ହେବେ। ଡିଡିଜି (ଜିଏମ୍ ମକାରୁ ତିଆରି) ପଶୁ ଖାଦ୍ୟ ଭାବରେ ଭାରତକୁ ଆସିବ, ଯାହା କୁକୁଡ଼ା ଚାଷୀ ଏବଂ ଦୁଗ୍ଧ ବ୍ୟବସାୟୀଙ୍କୁ ଶସ୍ତାରେ ଗୋ- ଖାଦ୍ୟ ଯୋଗାଇବ, କିନ୍ତୁ ଭାରତୀୟ ସୋୟାବିନ୍ (ମଧ୍ୟପ୍ରଦେଶ, ମହାରାଷ୍ଟ୍ର) ଚାଷୀମାନେ ଏଥିରେ କ୍ଷତିଗ୍ରସ୍ତ ହେବେ। ଏହା ଜିଏମ୍ ଖାଦ୍ୟ ଏବଂ ବିହନ ମାଟି, ଜୈବ ବିବିଧତା ଏବଂ ଖାଦ୍ୟ ସାର୍ବଭୌମତ୍ୱକୁ ବିପଦରେ ପକାଇବ। ଏଥିଯୋଗୁ ହିମାଚଳ, ଜମ୍ମୁ ଏବଂ କାଶ୍ମୀର ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି।

ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ସମ୍ବେଦନଶୀଳ କୃଷି ଏବଂ ଦୁଗ୍ଧ କ୍ଷେତ୍ର ସୁରକ୍ଷିତ। ଚୁକ୍ତିରେ ପ୍ରଧାନମନ୍ତ୍ରୀ ଚାଷୀମାନଙ୍କୁ ପ୍ରାଥମିକତା ଦେଇଛନ୍ତି। ଏହି ଚୁକ୍ତିନାମା ଦ୍ୱାରା ଆମେରିକାକୁ ଭାରତୀୟ ରପ୍ତାନି (ଚା, କଫି, ମସଲା, ସାମୁଦ୍ରିକ ଖାଦ୍ୟ) ଉପରେ ଶୁଳ୍କ ୫୦% ରୁ ୧୮% କିମ୍ବା ଶୂନ୍ୟ କରାଯିବ, ଯାହା ଦ୍ୱାରା ୪୪ ବିଲିୟନ ଡଲାର ମୂଲ୍ୟର ରପ୍ତାନି ଲାଭ ହେବ। ମୋଟ ଦ୍ୱିପାକ୍ଷିକ ବାଣିଜ୍ୟ ୫୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ଅପରପକ୍ଷେ ବିରୋଧୀ ଦଳ ଏହାକୁ ଆମେରିକାର ନିର୍ଦ୍ଦେଶରେ ଏକ ପଦକ୍ଷେପ ବୋଲି କହୁଛନ୍ତି। ଏସ୍‌କେଏମ୍ ନେତା ଡକ୍ଟର ଦର୍ଶନ ପାଲ କହିଛନ୍ତି, ଭାରତୀୟ କୃଷିକୁ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ଦୟାରେ ଛାଡି ଦିଆଯିବ, ଯାହା ଖାଦ୍ୟ ସାର୍ବଭୌମତ୍ୱ ଏବଂ ଗ୍ରାମୀଣ ନିଯୁକ୍ତିକୁ ବିପଦରେ ପକାଇବ। ଏହି ଚୁକ୍ତିକୁ ନେଇ ପଞ୍ଜାବରେ ତୀବ୍ର ବିରୋଧ ଦେଖାଦେଇଛି, ଦିଲ୍ଲୀକୁ ଘେରାଉ କରିବା ପାଇଁ ପ୍ରସ୍ତୁତି ଚାଲିଛି।

## ବୟନ କ୍ଷେତ୍ରରେ ବାଂଲାଦେଶ-ଆମେରିକା ଚୁକ୍ତି

# ଭାରତ ପାଇଁ ବଡ଼ ଆହ୍ୱାନ

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ନିକଟରେ ଆମେରିକା ଏବଂ ବାଂଲାଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ ପୋଷାକ ଏବଂ ବୟନଶିଳ୍ପ ଉପରେ ଶୂନ୍ୟ ଶୁଳ୍କ ଦ୍ୱାରା ବାଂଲାଦେଶ ଲାଭବାନ ହେବ, ଯାହା ଏବେ ଭାରତପ ାଇଁ ଏକ ବଡ଼ ଆହ୍ୱାନ। ଏଥିରୁ ଆକଳନ କରାଯାଇଛି ଯେ ଏହା ଆମେରିକା ବଜାରରେ ଭାରତୀୟ ବୟନ ଉତ୍ପାଦ ପାଇଁ କ୍ଷତିର କାରଣ ହୋଇପାରେ। ଏବେ, ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏହି ଚୁକ୍ତି ଯୋଗୁ ଭାରତର ପୋଷାକ ଏବଂ ବୟନଶିଳ୍ପ କ୍ଷେତ୍ର ପ୍ରକୃତରେ କୌଣସି କ୍ଷତି ସହିବ କି?

**ଢାକା ପୋଷାକର ୱାଶିଂଟନ୍ ବଜାରକୁ ମାଗଣା ପ୍ରବେଶ ସୁବିଧା**

ଆମେରିକା ଏବଂ ବାଙ୍ଗଲାଦେଶ ବାଣିଜ୍ୟ ଚୁକ୍ତି ପରେ ସେୟାର ବଜାରରେ ଭାରତୀୟ ବୟନଶିଳ୍ପ କମ୍ପାନୀର ସେୟାର ତୀବ୍ର ଚାପଗ୍ରସ୍ତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ଆମେରିକା ବାଂଲାଦେଶୀ ସାମଗ୍ରୀ ଉପରେ ଶୁଳ୍କକୁ ୧୯% ପ୍ରତିଶତକୁ ହ୍ରାସ କରିଛି। ଏହି ଶୁଳ୍କ ହାର ଭାରତ-ଆମେରିକା ବାଣିଜ୍ୟ ଢାଞ୍ଚା ଅଧୀନରେ ଭାରତୀୟ ବୟନ ଉତ୍ପାଦ ପାଇଁ ରାଜି ହୋଇଥିବା ୧୮% ପାରସ୍ପରିକ ଶୁଳ୍କ ତୁଳନାରେ ସାମାନ୍ୟ ଅଧିକ। ତଥାପି, ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକା-ବାଂଲାଦେଶ ଚୁକ୍ତିନାମାର ସବୁଠାରୁ ସମ୍ବେଦନଶୀଳ ଦିଗ ହେଉଛି ବୟନ ଏବଂ ପୋଷାକ ସମ୍ବନ୍ଧୀୟ ଏକ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି। ଆମେରିକା-ବାଂଲାଦେଶ ମିଳିତ ବିବୃତ୍ତି ଅନୁଯାୟୀ, ୱାଶିଂଟନ୍ ଏକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ରାଜି ହୋଇଛି. ଯାହା ବାଂଲାଦେଶୀ ବୟନ ଏବଂ ପୋଷାକ ରପ୍ତାନିକୁ ଶୂନ୍ୟ ଶୁଳ୍କରେ ଆମେରିକାରେ ପ୍ରବେଶ କରିବାକୁ ଅନୁମତି ଦେବ। ଏହି କୋଟାର ଆକାର ବାଂଲାଦେଶର ଆମେରିକାରୁ ବୟନ ସାମଗ୍ରୀ, ଯେପରିକି ଆମେରିକୀୟ କପା ଏବଂ ମାନବ ନିର୍ମିତ ତନ୍ତୁ ଆମଦାନୀ ଉପରେ ଆଧାର କରି ନିର୍ଣ୍ଣୟ କରାଯିବ। ଏପରି ବ୍ୟବସ୍ଥା ବର୍ତ୍ତମାନ ଭାରତୀୟ ରପ୍ତାନିକାରୀଙ୍କ ଚିନ୍ତା ବଢ଼ାଇଛି, ଯେଉଁଥିରେ ଉଚ୍ଚ ଶୁଳ୍କ ସତ୍ତ୍ୱେ ବାଂଲାଦେଶ ଆମେରିକା ପୋଷାକ ବଜାରରେ ମୂଲ୍ୟ ଲାଭ ପାଇପାରିବ। ଆମେରିକା-ବାଂଲାଦେଶ ବାଣିଜ୍ୟ ଚୁକ୍ତିନାମା ପୂର୍ବରୁ, ଏହା ବ୍ୟାପକ ଭାବରେ ବିଶ୍ୱାସ କରାଯାଉଥିଲା ଯେ ଭାରତୀୟ ବୟନ ରପ୍ତାନି ଆମେରିକା ବଜାରରେ ଲାଭବାନ ହେବ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାକୁ ଏକ ଐତିହାସିକ ବିକାଶ ଭାବରେ ଦେଖାଯାଉଥିଲା, ଯାହା ଆମେରିକାର ୧୧୮ ବିଲିୟନ ଡଲାରର ବିଶ୍ୱ ଆମଦାନୀ ବଜାର ପାଇଁ ବୟନ ଏବଂ ପୋଷାକ ପାଇଁ ପ୍ରବେଶ ଖୋଲିଥିଲା। ହେଲେ ଏହା ଏବେ ବିପରୀତ ଦିଗରେ ଯାଉଥିବା ଲକ୍ଷ୍ୟ କରାଯାଉଛି।

# ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୬




**ଭୁବନେଶ୍ୱର,୧୦।୨(ସମିସ):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଚଳିତ ବର୍ଷ ଆର୍ଥିକ ସାକ୍ଷରତା ସପ୍ତାହ (ଏଫଏଲଡବ୍ଲ୍ୟୁ) ଫେବୃଆରୀ ୯-୧୩ ପର୍ଯ୍ୟନ୍ତ ପାଳନ କରାଯାଉଛି, ଯାହା ଏହି ଅଭିଯାନର ଏକାଦଶ ସଂସ୍କରଣ। ଏଥର ଆର୍ଥିକ ସାକ୍ଷରତା ସପ୍ତାହର ବିଷୟବସ୍ତୁ ହେଉଛି କେୱାଇସି-ସୁରକ୍ଷିତ ବ୍ୟାଙ୍କିଙ୍ଗ ଆଡ଼କୁ ପ୍ରଥମ ପଦକ୍ଷେପ ଏବଂ ଉପ ବିଷୟବସ୍ତୁ ହେଉଛି (କେୱାଇସି) ତୁମର ଗ୍ରାହକଙ୍କୁ ଜାଣିବାର ମୌଳିକ ବିଷୟ। କେନ୍ଦ୍ରୀୟ କେୱାଇସି ରେଜିଷ୍ଟ୍ରି (ସି କେୱାଇସି) ଏବଂ ଆକାଉଣ୍ଟ ସ୍ୱଚ୍ଛତା ଏବଂ ଶୃଙ୍ଖଳା। ଏଥିରେ ଆର୍‌ବିଆଇ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସାରଦା ପ୍ରସନ ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ଏଥିରେ ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ କୁମାର ଆର୍ଯ୍ୟା ଏବଂ ରିଜର୍ଭ ବ୍ୟାଙ୍କର ମହାପ୍ରବନ୍ଧକ ଅନିତା ପଟ୍ଟନାୟକ ଯୋଗଦେଇଥିଲେ। ଏହା ବ୍ୟତୀତ, କାର୍ଯ୍ୟକ୍ରମରେ ବ୍ୟାଙ୍କିଙ୍ଗ ଅମ୍ବୁଡ୍ସମ୍ୟାନ, ଆର୍‌ବିଆଇ, ଡିଆଇଏଫ, ଅର୍ଥ ବିଭାଗ, ଓଡ଼ିଶା ସରକାର, ନାବାର୍ଡ, ସିଡ୍‌ବି, ଏନଏଚବିର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବ୍ୟାଙ୍କର ନିୟନ୍ତ୍ରଣ ମୁଖ୍ୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ର, ଚାଷ ଏବଂ ଉଦ୍ୟୋଗୀ ଯୋଗଦେଇଥିଲେ।

## ୨୦୨୯ କୋଟିର ଲାଞ୍ଚ କାରବାର ଅଭିଯୋଗ

# ଆମେରିକୀୟ ତଦନ୍ତ ସଂସ୍ଥା-ଆଦାନୀ ଏଣ୍ଟରପ୍ରାଇଜେସ୍ ଆଲୋଚନା

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ଆଦାନୀ ଗ୍ରୁପର ଆଦାନୀ ଏଣ୍ଟରପ୍ରାଇଜେସ୍ ମଙ୍ଗଳବାର କହିଛି ଯେ ଏହା ଆମେରିକୀୟ ତଦନ୍ତ ସଂସ୍ଥା, ବିଦେଶୀ ସମ୍ପତ୍ତି କାର୍ଯ୍ୟାଳୟ (ଓଏଫ୍‌ଏସି) ସହିତ ଆଲୋଚନା କରୁଛି। ଏହି ମାମଲା ଗତ ଜୁନ୍ ମାସରେ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍‌ରେ ପ୍ରକାଶିତ ଏକ ରିପୋର୍ଟ ସହିତ ଜଡିତ, ଯେଉଁଥିରେ ଦାବି କରାଯାଇଥିଲା ଯେ କୋଟିପତି ଗୌତମ ଆଦାନୀ ତାଙ୍କ ବିରୁଦ୍ଧରେ ଲାଞ୍ଚ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ଟ୍ରମ୍ପ ପ୍ରଶାସନ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ।

ସୂଚନାଯୋଗ୍ୟ ଯେ, ଗତ ବର୍ଷ, ଆଦାନୀ ଏବଂ ଅନ୍ୟ ୮ ଜଣଙ୍କ ବିରୁଦ୍ଧରେ ଆମେରିକାରେ କୋଟି କୋଟି ଟଙ୍କାର ଠକେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଆଦାନୀଙ୍କ କମ୍ପାନୀ ଭାରତରେ ନବୀକରଣୀୟ ଶକ୍ତି ପ୍ରକଳ୍ପ ଅନୁପଯୁକ୍ତ ଭାବରେ ହାସଲ କରିଥିଲା। ଆଦାନୀଙ୍କ ବିରୁଦ୍ଧରେ ସରକାରୀ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର ଲାଞ୍ଚ କିମ୍ବା ପ୍ରାୟ ୨୦୨୯ କୋଟି ଟଙ୍କା ଦେବାର ଅଭିଯୋଗ ଥିଲା। ଅଭିଯୁକ୍ତମାନେ ଆମେରିକୀୟ ନିବେଶକ ଏବଂ ବ୍ୟାଙ୍କଗୁଡ଼ିକୁ ମିଛ କହି ଟଙ୍କା ସଂଗ୍ରହ କରିଥିଲେ ବୋଲି

**ତଦନ୍ତରେ ଟ୍ରମ୍ପ ପ୍ରଶାସନ ମାଗୁଛି ସୂଚନା**

ଅଭିଯୋଗ ହୋଇଛି। ଏହି ସମ୍ପୂର୍ଣ୍ଣ ମାମଲାରେ ଆଦାନୀ ଗ୍ରୁପ୍ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ଏବଂ ଅନ୍ୟ ଏକ ସଂସ୍ଥା ସାମିଲ ଥିଲା। ଏହି ମାମଲା ୨୦୨୪ ଅକ୍ଟୋବର ୨୪ରେ ନ୍ୟୁୟର୍କ ଫେଡେରାଲ୍ କୋର୍ଟରେ ଦାୟର କରାଯାଇଥିଲା। ଆଦାନୀ ଏଣ୍ଟରପ୍ରାଇଜେସ୍ କହିଛି ଯେ ଏହା ଫେବୃଆରୀ ୪ରେ ଆମେରିକାର ବିଦେଶୀ ସମ୍ପତ୍ତି କାର୍ଯ୍ୟାଳୟରୁ ସୂଚନା ପାଇଁ ଅନୁରୋଧ ପାଇଛି। କମ୍ପାନୀ ସ୍ପଷ୍ଟ କରିଛି ଯେ ତଦନ୍ତକାରୀ ଏଜେନ୍ସି ସହିତ ଆଲୋଚନା ଚାଲିଛି। ତଥାପି, କମ୍ପାନୀ ଏହା ମଧ୍ୟ କହିଛି ଯେ ଏପର୍ଯ୍ୟନ୍ତ ମିଳିଥିବା ଯୋଗାଯୋଗ କିମ୍ବା ଚିଠିଗୁଡ଼ିକ କୌଣସି ଅନିୟମିତତା କିମ୍ବା ନିୟମାବଳୀର ଉଲ୍ଲଂଘନ ପ୍ରକାଶ କରିନାହିଁ। ଗତ ବର୍ଷ ଜୁନ୍ ମାସରେ ପ୍ରକାଶିତ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟରେ ଅଭିଯୋଗ କରାଯାଇଥିଲା ଯେ ଗୌତମ ଆଦାନୀ ଆମେରିକାରେ ତାଙ୍କ ବିରୁଦ୍ଧରେ ଦାଏର ଲାଞ୍ଚ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ଆମେରିକୀୟ ପ୍ରଶାସନ ସହିତ ସହଯୋଗ କରୁଥିଲେ। ରିପୋର୍ଟରେ ଦାବି କରାଯାଇଥିଲା ଯେ ଗ୍ରୁପ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନକୁ ଏହି ଅଭିଯୋଗଗୁଡ଼ିକୁ ଖାରଜ କରିବାରେ ସାହାଯ୍ୟ କରିବାକୁ ଚେଷ୍ଟା କରୁଛି। ଆମେରିକୀୟ ଏଜେନ୍ସିଗୁଡ଼ିକ ଏବେ ଏହି ସମ୍ପର୍କରେ କମ୍ପାନୀରୁ ତଥ୍ୟ ଏବଂ ସୂଚନା ସଂଗ୍ରହ କରୁଛନ୍ତି।

# ଏନ୍‌ଏସ୍‌ଇର କୋଲ୍ ଏକ୍ସଚେଞ୍ଜ ପ୍ରସ୍ତାବକୁ ମଞ୍ଜୁରି

**ନୂଆଦିଲ୍ଲୀ, ୧୦।୨:** ଏନ୍‌ଏସ୍‌ଇ ବୋର୍ଡ ପକ୍ଷରୁ ଏହାର ପ୍ରସ୍ତାବିତ ଆଇପିଓ (ଇନିସିଆଲ ପବ୍ଲିକ ଅଫରିଙ୍ଗ) ସମ୍ପର୍କିତ ପ୍ରମୁଖ ନିଷ୍ପତ୍ତି ନିଆଯାଇଛି। ଯେଉଁଥିରେ ଏକ ଉତ୍ସର୍ଗୀକୃତ ଆଇପିଓ କମିଟିର ପୁନର୍ଗଠନ ମାଧ୍ୟମରେ ଏହାର ପରିଚାଳନା ଢାଞ୍ଚାକୁ ଅଧିକ ସୁଦୃଢ କରିବା ଅନ୍ତର୍ଭୁକ୍ତ। ଏନ୍‌ଏସ୍‌ଇବୋର୍ଡ ନିୟାମକୀୟ ଅନୁମୋଦନ ଅନୁଯାୟୀ ଏକ କୋଲ୍ ଏକ୍ସଚେଞ୍ଜ ସ୍ଥାପନ କରିବା ପାଇଁ ଏକ ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ ସଂସ୍ଥାର ଅନ୍ତର୍ଭୁକ୍ତୀକରଣକୁ ଅନୁମୋଦନ ଦେଇଛି। ପୁନର୍ଗଠିତ ଆଇପିଓ କମିଟିରେ ଅନ୍ତର୍ଭୁକ୍ତ ଥିବା ସଦସ୍ୟମାନେ ହେଉଛନ୍ତି,ତବଲେଶ ପାଣ୍ଡେ- ଅଧ୍ୟକ୍ଷ (ଅଣସ୍ୱାଧୀନ ନିର୍ଦ୍ଦେଶକ), ଶ୍ରୀନିବାସ ଇଞ୍ଜେଟି- ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ), ପ୍ରଫେସର. (ଡଃ). ମମତା ବିଶ୍ୱାଳ – ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ), ଜଷ୍ଟିସ (ଅବସରପ୍ରାପ୍ତ) ଅଭିଲାଷା କୁମାରୀ- ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ), ପ୍ରଫେସର.ଜି. ଶିବକୁମାର – ସଦସ୍ୟ (ଜନସ୍ୱାର୍ଥ ନିର୍ଦ୍ଦେଶକ) ଏବଂ ଆଶିଷ କୁମାର ଚୌହାନ - ସଦସ୍ୟ (ପରିଚାଳନା ନିର୍ଦ୍ଦେଶକ ଓ ସିଇଓ)। ଏହି ପ୍ରସ୍ତାବିତ ସହାୟକ ସଂସ୍ଥାର ନାମ ନ୍ୟାଶନାଲ କୋଲ୍ ଏକ୍ସଚେଞ୍ଜ, ଭାରତ କୋଲ୍ ଏକ୍ସଚେଞ୍ଜ କିମ୍ବା ଇଣ୍ଡିଆ କୋଲ୍ ଏକ୍ସଚେଞ୍ଜ ହୋଇପାରେ, ଯାହା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ।

# ଏଆଇ ଚାହିଦାରେ ବିଶ୍ୱରେ ଚିପ୍ ସଙ୍କଟ: ମହଙ୍ଗା ହେବ ଫୋନ୍- ଟିଭି

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ବଢୁଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର (ଏଆଇ)ର ଚାହିଦା। ଏବେ ଅନେକ କ୍ଷେତ୍ରରେ ଏଆଇ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ମୋବାଇଲଠାରୁ ଆରମ୍ଭ କରି କାର୍ ସବୁଥିରେ ଏବେ ଏଆଇ। ଏମିତିରେ ଏଆଇ ବଢୁଥିବା ଏହି ଦ୍ରୁତ ବ୍ୟବହାର ଯୋଗୁ ଆଗକୁ ଫୋନ୍ ଏବଂ ଟିଭି ଭଳି ଇଲୋକ୍ଟ୍ରୋନିକ୍ସ ମହଙ୍ଗା ହୋଇପାରେ। ପ୍ରକୃତରେ ଡାଟା ସେଣ୍ଟର ଏବଂ ସର୍ଭରଗୁଡ଼ିକୁ ଏଆଇ ଭିତ୍ତିଭୂମି ପାଇଁ ଅଧିକ ମେମୋରୀ ଚିପ୍‌ର ଆବଶ୍ୟକ ହେଉଛି। କାରଣ ମେମୋରୀ ଚିପ୍ ନିର୍ମାତାମାନେ ହାଇ (ଉଚ୍ଚ)- ବ୍ୟାଣ୍ଡୱିଡଥ୍ ମେମୋରୀ ଏବଂ ସର୍ଭର-ଗ୍ରେଡ୍ ଡିଆର୍‌ଏଏମ୍‌କୁ ପ୍ରାଥମିକତା ଦେଉଛନ୍ତି। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ସାମସଙ୍ଗ, ଏସ୍‌କେ ହାଇନିକ୍ସ ଏବଂ ମାଇକ୍ରନ୍ ଭଳି ପ୍ରମୁଖ ଚିପ୍ ନିର୍ମାତା ବଡ଼ ଏଆଇ ଏବଂ ସର୍ଭର ଗ୍ରାହକମାନଙ୍କୁ ପ୍ରାଥମିକତା ଦେଉଛନ୍ତି। ଆଉ କଞ୍ଜୁମର- ଗ୍ରେଡ୍ ମେମୋରୀ ଚିପ୍ସର ଉପଲବ୍ଧତା ହ୍ରାସ ପାଇଛି। ତେଣୁ ଏହାଯୋଗୁ ଟିଭି ଫ୍ରିଜ୍ ଭଳି କନଜ୍ୟୁମର ଇଲେକ୍ଟ୍ରୋନିକ୍ସ ପାଇଁ ଚିପ୍ସର ଅଭାବ ଦେଖାଦେଇଛି।

# ଟାଟା ପାୱାର ଓଡ଼ିଶା ଡିସକମ୍ ପକ୍ଷରୁ ଭିଜିଲାନ୍ସ କର୍ମଶାଳା



**ଭୁବନେଶ୍ୱର, ୧୦।୨(ସମିସ):** ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଆସ୍ଥା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ୪ ଡ଼ିସକମ୍ ପକ୍ଷରୁ ଭିଜିଲାନ୍ସ ଅଧିକାରୀଙ୍କ ପାଇଁ ବରମୁଣ୍ଡାସ୍ଥିତ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ୩ ଦିନିଆ ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ କୁମାର ଜେଠୱା ଏହି କର୍ମଶାଳାକୁ ଉଦଘାଟନ କରି କାର୍ଯ୍ୟ କ୍ଷେତ୍ରରେ ସ୍ୱଚ୍ଛତା ଓ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏକ ସୁଦୃଢ଼ ଆଭ୍ୟନ୍ତରୀଣ ଭିଜିଲାନ୍ସ ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ତଥା ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍‌ଓଡିଏଲ୍) ର ସିଇଓ ଗଜାନନ କାଲେ, ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ର ସିଇଓ ଅରଭିନ୍ଦ ସିଂ, ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗ ଏବଂ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ର ସିଇଓ ପ୍ରବୀଣ କୁମାର ବର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଟାଟା ପାୱାରର ବରିଷ୍ଠ ପରାମର୍ଶଦାତା (ସୁରକ୍ଷା ଓ ଭିଜିଲାନ୍ସ) ସର୍ବଣାସାମୀ ଜଗନ୍ନାଥନ ଏବଂ ଓଡ଼ିଶା ଡିସକମ୍‌ର ଚିଫ୍ ବିଏଚ୍‌ଆର ଶ୍ୟାମ ସୁନ୍ଦର ଚୌଧୁରୀ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବଢୁଛି ସୁନା ଉପରେ ଭରସା

# ନିବେଶକ ମାସକରେ ସୁନାରେ ଖଟାଇଲେ ୨୪ ହଜାର କୋଟି

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ସମ୍ପ୍ରତି ବଜାରରେ ସୁନା ଚାହିଦା ବଢ଼ିବାରେ ଲାଗିଛି। ବିଶେଷ କରି ସୁନାରେ ନିବେଶ ବୃଦ୍ଧି ପାଇଛି। ଚଳିତବର୍ଷ ଜାନୁଆରୀରେ ନିବେଶକମାନେ ସୁନାକୁ ନିରାପଦ ନିବେଶ ବିକଳ୍ପ ଭାବେ ବିବେଚନା କରି ସେହି ଆଡ଼କୁ ତୀବ୍ର ମାତ୍ରାରେ ଅଗ୍ରସର ହୋଇଛନ୍ତି, ଯେଉଁଥିରେ ଗୋଲ୍ଡ ଏକ୍ସଚେଞ୍ଜ ଟ୍ରେଡେଡ୍ ଫଣ୍ଡ (ଇଟିଏଫ୍) ନିବେଶକଙ୍କୁ ସବୁଠାରୁ ଅଧିକ ଲାଭବାନ ହୋଇଛି। ଗାନୁଆରୀରେ ମଧ୍ୟରେ ଗୋଲ୍ଡ ଇଟିଏଫ୍ ରେ ନିଟ୍ ନିବେଶ ପ୍ରାୟ ୨୪,୦୪୦ କୋଟି ଟଙ୍କା ଥିଲା, ଯାହା ଏ ପର୍ଯ୍ୟନ୍ତ ସର୍ବାଧିକ ମାସିକ ନିଟ୍ ପ୍ରବାହ। ଏହି ସଂଖ୍ୟା ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ସହିତ ପ୍ରାୟ ସମାନ ଥିଲା, ଯାହା ସୂଚିତ କରେ ଯେ ବଜାର ଅନିଶ୍ଚିତତା ମଧ୍ୟରେ ନିବେଶକମାନେ ସୁନାକୁ ଏକ ଦୃଢ଼ ହେଜ୍ ଭାବରେ ଦେଖୁଛନ୍ତି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ସଂଘ (ଏଏମ୍‌ଏଫ୍‌ଆଇ) ର ଜାନୁଆରୀ ରିପୋର୍ଟ ଅନୁଯାୟୀ, ସୁନା ଇଟିଏଫ୍‌ରେ ନିଟ୍ ନିବେଶ ୨୪,୦୩୯.୯୬ କୋଟି ଟଙ୍କା ଥିଲା, ଯେଉଁଥିରେ ୨୪,୩୫୧.୫୮ କୋଟି ପ୍ରବାହ ଏବଂ କେବଳ ୩୧୧.୬୨ କୋଟି ଟଙ୍କା ପ୍ରତ୍ୟାହାର ହୋଇଥିଲା।




**ସୁରକ୍ଷିତ ନିବେଶ କ୍ଷେତ୍ର ସନ୍ଧାନରେ ନିବେଶକ**

**ଇକ୍ୱିଟିରେ ଧିମା ପଡ଼ିଲା ନିବେଶ**

**ବର୍ଷକରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ ନିବେଶରେ ୩୯% ହ୍ରାସ**

ଜାନୁଆରୀରେ ବିଶ୍ୱ ଏବଂ ଘରୋଇ ଷ୍ଟକ୍ ବଜାରରେ ଅସ୍ଥିରତା ଦେଖାଦେଇଛି। ଉଚ୍ଚ ମୂଲ୍ୟାଙ୍କନ, ବିଶ୍ୱ ଆର୍ଥିକ ଚିନ୍ତା ଏବଂ ସୁଧ ହାର ସମ୍ପର୍କରେ ଅନିଶ୍ଚିତତା ନିବେଶକମାନଙ୍କୁ ସତର୍କ କରିଥିଲା। ଏହି ପରିବେଶରେ, ସୁନା ଇଟିଏଫ୍ ଏକ ସୁବିଧାଜନକ ଏବଂ ସ୍ୱଚ୍ଛ ନିବେଶ ବିକଳ୍ପ ଭାବରେ ଉଭା ହୋଇଛି। ନିବେଶକମାନେ ଭୌତିକ ସୁନା କ୍ରୟ ନ କରି ସିଧାସଳଖ ସୁନା କାରବାରରେ ଅଂଶଗ୍ରହଣ କରିପାରିବେ, ଯାହା ଫଳରେ ଇଟିଏଫ୍‌ରେ ଦ୍ରୁତ ପୁଞ୍ଜି ପ୍ରବାହ ହ୍ରାସ ଘଟିଛି। ଜାନୁଆରୀରେ ଇକ୍ୱିଟି-ଆଧାରିତ ଯୋଜନାଗୁଡ଼ିକରେ ମୋଟ ନିଟ୍ ପୁଞ୍ଜି ପ୍ରବାହ ପ୍ରାୟ ୨୪୦୨ କୋଟି ଟଙ୍କା ଥିଲା, ଯାହା ପୂର୍ବ ମାସ ତୁଳନାରେ ଦୁର୍ବଳ ବୋଲି ବିବେଚନା କରାଯାଏ। ବିପରୀତରେ, ସୁନା ଇଟିଏଫ୍‌ରେ ନିବେଶରେ ବୃଦ୍ଧି ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ ନିବେଶକମାନେ ସେମାନଙ୍କ ପୋର୍ଟଫୋଲିଓରେ ବିପଦକୁ ସନ୍ତୁଳିତ କରିବାକୁ ଚେଷ୍ଟା କରୁଛନ୍ତି। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ନିବେଶକମାନେ ଇକ୍ୱିଟିରେ ପ୍ରଫିଟ୍ ବୁକ୍ କରିବା ଏବଂ ସୁରକ୍ଷିତ ସମ୍ପତ୍ତିକୁ ସ୍ଥାନାନ୍ତର କରିବା ସମୟରେ ଏହି ଧାରା ଦେଖାଦିଏ। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ସଂଘର ତଥ୍ୟ ଅନୁଯାୟୀ, ୨୦୨୫ ଡିସେମ୍ବର ରେ ଇକ୍ୱିଟି ପାଣ୍ଠିରେ ନିବେଶ ପ୍ରାୟ ୨୮,୦୫୪ କୋଟି ଟଙ୍କା ଥିଲା, ଯେତେବେଳେ କି ୨୦୨୬ ଜାନୁଆରୀରେ ଏହି ସଂଖ୍ୟା ପ୍ରାୟ ୨୪,୦୨୮ କୋଟି ଟଙ୍କାକୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି ମାସିକ ନିବେଶ ପ୍ରାୟ ୧୪% ହ୍ରାସ ପାଇଛି। ଚଳିତବର୍ଷ ଜାନୁଆରୀ ରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ବର୍ଷସାରା ହ୍ରାସ ପାଇଛି। ଅପରପକ୍ଷେ ୨୦୨୫ ଜାନୁଆରୀରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପ୍ରାୟ ୩୯,୬୮୭ କୋଟି ଟଙ୍କା ଥିଲା, ଯେତେବେଳେ କି ୨୦୨୬ ଜାନୁଆରୀରେ ଏଥିରେ ତୀବ୍ର ହ୍ରାସ ଘଟି ତାହା ୨୪,୦୨୮ କୋଟି ଟଙ୍କା ହୋଇଛି। ଏହାର ଅର୍ଥ ହେଉଛି ବର୍ଷ ସାରା ନିବେଶ ପ୍ରାୟ ୩୯% ହ୍ରାସ ପାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ଇକ୍ୱିଟିରେ ନିବେଶକଙ୍କ ଅଂଶଗ୍ରହଣରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସକୁ ସୂଚିତ କରୁଛି। ଗୁରୁତ୍ୱପୂର୍ଣ୍ଣ ନିବେଶ ଯୋଗୁଁ, ସୁନା ଇଟିଏଫ୍‌ର ପରିଚାଳନା ଅଧୀନରେ ମୋଟ ସମ୍ପତ୍ତି ମଧ୍ୟ ଦ୍ରୁତ ଗତିରେ ପ୍ରାୟ ୧.୮୪ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଏହା ସୂଚିତ କରେ ଯେ ନିବେଶକମାନେ କେବଳ ବାଣିଜ୍ୟ ପାଇଁ ନୁହେଁ ବରଂ ଦୀର୍ଘକାଳୀନ ନିବେଶ ପାଇଁ ମଧ୍ୟ ସୁନା ଇଟିଏଫ୍ ଗ୍ରହଣ କରୁଛନ୍ତି।

